

ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ଏସ୍‌ପି।

# ସେବା ଦ୍ୱାରା ଆସ୍ଥା ଭାଜନ ହୋଇପାରିଛନ୍ତି ଗୃହରକ୍ଷୀ

ଭବାନୀପାଟଣା, ୬।୧୨ (ଉତ୍ତମ କୁମାର ଦାଶ)

**କଳାହାଣ୍ଡିରେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ**

କଳାହାଣ୍ଡି ଜିଲା ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ ଶୁକ୍ରବାର ୬୨ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି ଅଭିଲାଷ ତାଙ୍କ ବକ୍ତବ୍ୟରେ ଜିଲାର ସମସ୍ତ ୩୨୦ ଗୃହରକ୍ଷୀଙ୍କୁ ଏହି ଅବସରରେ ଧନ୍ୟବାଦ ଜଣାଉଛି ବୋଲି କହିଥିଲେ। ଗୃହରକ୍ଷୀମାନେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ଆଇନଶୃଙ୍ଖଳା, ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା, ରଥ ଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ, କୋଭିଡ୍ ମହାମାରୀ ସମୟରେ ସେବା ଯୋଗାଇବା ଭଳି ସବୁ କ୍ଷେତ୍ରରେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରିଆସୁଛନ୍ତି। ଏହି ସେବା ଦ୍ୱାରା ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଥିବାରୁ ଗୃହରକ୍ଷୀମାନେ ସର୍ବଦା ପ୍ରଶଂସନୀୟ ବୋଲି ଏସ୍‌ପି ଅଭିଲାଷ କହିଥିଲେ। ପରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ହୋମଗାର୍ଡ ଡିଜିଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ଓ ଉତ୍ତମ କାର୍ଯ୍ୟ ପାଇଁ ଗୃହରକ୍ଷୀ ରାକେଶ କୁମାର ମହାନ୍ତି, ବ୍ରଜେନ୍ଦ୍ର କୁମାର ରାଉତ, ଅମିତ ବାଗ, ଘନଶ୍ୟାମ ବାଗ, ସନ୍ତୋଷ ନାଗ, ଦିଲୀପ କୁମାର ନାଏକ, କୁଞ୍ଜବନ ସେଠିଆ, ସଚିନ୍ଦ୍ର ନାଏକ, ନିର୍ମଳ ବିହାରୀ ଓ ମାୟାଧର ସାହୁଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିଥିଲେ।

## କଲମପୁରରେ ସଦ୍‌ଭାବନା ସମାବେଶ

କଲମପୁର, ୬।୧୨ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁରସ୍ଥିତ ନେତାଜୀ ସେବା ସଂଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନର ମିଳିତ ଆନୁକୂଲ୍ୟରେ ଡ. ଭୀମରାଓ ଆମ୍ବେଡ଼କର ଷ୍ଟେଚ୍ୟୁ ପରିସରରେ ଭାରତରତ୍ନ ଆମ୍ବେଡକରଙ୍କ ପୁଣ୍ୟତିଥି ସମାରୋହ ଓ ସଦ୍‌ଭାବନା ସମାବେଶ ଅନୁଷ୍ଠିତ ହେଇଯାଇଛି। ଏଥିରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ସୁନ୍ଦର ପଣ୍ଡା ଅଧ୍ୟକ୍ଷତା କରିଥିଲେ। କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗୀ ମୁଖ୍ୟଅତିଥି ଓ ବିଇଓ ମଧୁସ୍ମିତା ନାଏକ, ସିଡିପିଓ ନିର୍ବାସିନୀ ଦେଇ, ଶିକ୍ଷାବିତ୍ ବସନ୍ତ ନାଏକ, ସତ୍ୟନାରାୟଣ ରାଜପୁତ, ସମାଜସେବୀ ଉଚ୍ଛବ ଚରଣ ସାହୁ, ଯୁବକବି ରଜତ ବଂଶଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାବାସାହେବଙ୍କ ତ୍ୟାଗପୁତ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ମାଝୀ ସଂଯୋଜନା କରିଥିଲେ। ସଂଗଠନ ସଭାପତି ସଞ୍ଜୀବ କୁମାର ଠାକୁର ଉଦ୍ଦେଶ୍ୟ ଜ୍ଞାପନ ଓ କୋଷାଧ୍ୟକ୍ଷ ଲଳିତ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

## ଦଣ୍ଡପାଟ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ


ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ବେହେରା, ୬।୧୨ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲାର ପ୍ରସିଦ୍ଧ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁକ୍ରବାର ବେହେରା ହାଇସ୍କୁଲ ପଡିଆରେ ଶୁଭଖମ୍ବ ସ୍ଥାପନ ହୋଇଛି। କର୍ତ୍ତା ଭାବେ ଈଶ୍ୱର ବାଣୁଆ ଓ ନନ୍ଦିନୀ ବାଣୁଆ ତୁଲାଇଥିବା ବେଳେ ମୋହନ ତିୱାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ମହୋତ୍ସବ ଆସନ୍ତା ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଧନୁଯାତ୍ରା ପାଇଁ ହାଇସ୍କୁଲ ପଡ଼ିଆକୁ ମଥୁରା ନଗରୀ ଓ ମଝିରପଦାକୁ ଗୋପପୁର କରାଯାଇଛି। ଏହି ଅବସରରେ ଧନୁଯାତ୍ରା କମିଟି ସଭାପତି ବିନ୍ଦୁସାର ବିଶି, ଭବେଶ ଗଏନ୍ତା, ଉପେନ୍ଦ୍ର ନାଏକ, ବାଳ କୃଷ୍ଣ ବିଶି, ଗୁଣ ନିଧି ନାଗ, ହୁକିମ ବିଶି, ପିକ ବିଶିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଚଳିତ ବର୍ଷ କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିବେ ବୋଲି କମିଟି ସୂତ୍ରରୁ ପ୍ରକାଶ।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଥୁଆମୂଳ ରାମପୁର, ୬।୧୨ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଏହି ଥାନା ସଦର ସ୍ଥିତ ଜଗନ୍ନାଥ କଲୋନିପଡ଼ାର କୁମର ନାଏକଙ୍କ ଝିଅ କସ୍ତୁରୀ ନାଏକ (୨୬) ୬ ମାସ ତଳେ କାଶୀପୁର ଥାନା ପର୍ଲାଜୋର୍ ଗ୍ରାମର ନକୁଳ ନାଏକଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ଦାମ୍ପତ୍ୟ ଜୀବନ ଭଲରେ ଅତିବାହିତ ହୋଇଥିଲା। କିନ୍ତୁ ପରେ ଶାଶୁଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାମୀ ଓ ଶାଶୁ ଶାରୀରିକ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିବା କସ୍ତୁରୀ ଅଭିଯୋଗରେ ଦର୍ଶାଇଛନ୍ତି। ଶେଷରେ କସ୍ତୁରୀ ନ୍ୟାୟ ପାଇବା ଆଶାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥୁଆମୂଳ ରାମପୁର ଥାନାରେ ଏକ ମାମଲା (ନଂ.୧୯୧/୨୪) ରୁଜୁ ହୋଇଛି। ଥାନା ଏସ୍‌ଆଇ ରଶ୍ମିରଞ୍ଜନ ବାଗ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

## ଏବିଭିପି ପକ୍ଷରୁ ସାମାଜିକ ସମରସତ୍ତା ଦିବସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏବିଭିପି କର୍ମକର୍ତ୍ତା।

ଭବାନୀପାଟଣା, ୬।୧୨ (ଉତ୍ତମ କୁମାର ଦାଶ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ଜିଲା ଭବାନୀପାଟଣା ନଗର ପକ୍ଷରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ୟୁଜି ଓ ପିଜି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବାବା ସାହେବ ଆମ୍ବେଡକରଙ୍କ ପୁଣ୍ୟତିଥି ତଥା ସାମାଜିକ ସମରସତ୍ତା ଦିବସ ପାଳିତ ହୋଇଛି। ଆମ୍ବେଡକରଙ୍କ ଆଦର୍ଶ, ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଇ ସମସ୍ତ ଶିକ୍ଷାର୍ଥୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ ସହିତ ଏକ ସୁସ୍ଥ, ସମୃଦ୍ଧ ଏବଂ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ଛାତ୍ରୀଛାତ୍ର ସଂକଳ୍ପ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହେଶ ସାଗର, ହିତେଶ କୁମାର ସାହୁ, ପ୍ରେମ କୁମାର, ପଲକ, ଫାଲ୍‌ଗୁନି, ସୌମ୍ୟରଞ୍ଜନ ପଣ୍ଡା, ଆୟୁଷ ମହାନ୍ତି, ଆୟୁଷ ବେହେରା, ଅସିତ ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ

କଲମପୁର, ୬।୧୨ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ପକ୍ଷରୁ ମଣ୍ଡଳ ଗ୍ରାମଠାରେ ଡ. ବାବା ସାହେବ ଆମ୍ବେଡ଼କରଙ୍କ ବ୍ଲକସ୍ତରୀୟ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଆମ୍ବେଡକର ଓ ତଥାଗତ ଗୌତମବୁଦ୍ଧଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଫେଡେରେଶନ ସଭାପତି ବଳରାମ ଦୁର୍ଗା, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ନିଆଁଲ, ଆମ୍ବେଡକର ପ୍ରେମୀ ଶତ୍ରୁଘନ ବାଗ, ଶ୍ରୀକାନ୍ତ ଛତ୍ରିଆ, ବସନ୍ତ ନିଆଁଲ, ବେଣୁଧର ଦୁର୍ଗା ପ୍ରମୁଖ ମଞ୍ଚାସୀନ ରହିଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବଳରାମ ଛତ୍ରିଆ ମଞ୍ଚ ପରିଚାଳନା କରିଥିବାବେଳେ ଚକ୍ରଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆଶିଷ ନାଏକ, ସେନାପତି ନାଏକ, ଦୁଃଖିଧନ ଦୁର୍ଗା, ତୁଳସୀରାମ ତୁରୁକ, ପିତାମ୍ବର ଦୁର୍ଗା, ରଘୁ ବାଗଙ୍କ ସମେତ ବାବା ସାହେବ ଆମ୍ବେଡକର କ୍ଲବ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ



ଜଣେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ଧର୍ମଗଡ଼, ୬।୧୨ (ଆକାଶ କୁମାର ଜଗତ)

ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟଠାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ସଭାପତିତ୍ୱ କରିଥିବାବେଳେ କଲେଜ ପରିଚାଳନା କମିଟି ସଦସ୍ୟ ରଫିଉଦ୍ଦିନ ଖାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଯାପନୀ ସଭାରେ ଅତିଥିମାନେ ଆତ୍ମରକ୍ଷା କୌଶଳ ଉପଯୋଗ କରି ନିଜର ସୁରକ୍ଷା ସହ ପରିବାର ତଥା ଦେଶ ବିକାଶରେ ସହଭାଗୀ ହେବେ ସେ ଉପରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସରୋଜ କୁମାର ମେହେର, ସହ ସଂଯୋଜିକା ଅଧ୍ୟାପିକା ଜୟନ୍ତୀ କୁମାରୀ ମୁଦୁଲି, ଅର୍ଚ୍ଚନା ଗୁଛି, ଲକ୍ଷପତି ନାଏକ, ହିମାଂଶୁ ସା, ଫୁଲ ହରିଜନ ପ୍ରମୁଖ ସହଯୋଗ କରିଥଲେ। ମାଷ୍ଟର ଟ୍ରେନର ଭାବେ ମାଳତୀ ପଟେଲ, ଜଳି ପରାଭୋଏ, ଶିବାନୀ ଭାଟି ଓ ଧନିକା ନାଏକ ଯୋଗଦେଇଥିଲେ। ପରେ ଛାତ୍ରୀମାନଙ୍କୁ ତାଲିମ ସମ୍ପର୍କିତ ମାନପତ୍ର ପ୍ରଦାନ କରାଯାଇଥିଲା।

## ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ

କୋକସରା, ୬।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମରେ ନବନିର୍ମିତ କାଳେଶ୍ୱର ମହାଦେବଙ୍କ ମନ୍ଦିର ରତ୍ନମୁଦ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଗୋପାଳ ଜି ଠାକୁର ଓ ଶ୍ରୀପତି ଠାକୁର ମହାଦେବଙ୍କ ପଞ୍ଚାକ୍ଷର ମନ୍ତ୍ର ଉଚ୍ଚାରଣ କରିବା ପରେ ପୂଜାକର୍ତ୍ତା ଭାବେ ଲଦୁଗାଁ ଗ୍ରାମର କମଳ ଅଗ୍ରୱାଲ ସପତ୍ନୀକ ପୂଜାବିଧି ତୁଲାଇଥିଲେ। ଶୁଭ ବେଳା ପୂର୍ବାହ୍ନ ୧୧ଟା ୩୦ରେ ରତ୍ନମୁଦ ଉତ୍ସବ ବିଧି ଅନୁସାରେ ପାଳନ କରାଯାଇଛି। କାଳେଶ୍ୱର ମହାଦେବ ଟ୍ରଷ୍ଟ ସଭାପତି ଫୁଲଚନ ଶବର, ଉପସଭାପତି ଶେଷ ରଞ୍ଜନ ପଣ୍ଡା, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଚ୍ୟୁତ କୁମାର ସାହୁ, ମନ୍ଦିର ପୂଜକ ନିତ୍ୟାନନ୍ଦ ଶବର ଓ ଗ୍ରାମବାସୀ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## କୋକସରାରେ ନୂତନ ଧାନମଣ୍ଡି ଉଦ୍‌ଘାଟିତ

କୋକସରା, ୬।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)


ନୂତନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

କୋକସରା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ରେଙ୍ଗାଲପାଲି ପଞ୍ଚାୟତର ଝରିଆଗୁଡାଠାରେ ଚଳିତ ବର୍ଷ ନୂତନ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମଣ୍ଡି ପାଇଁ ଜାଗା ସମସ୍ୟା ଥିବାରୁ ଝରିଆଗୁଡା ଗ୍ରାମର ଚାଷୀ ଜୟଲାଲ ନାଏକ ନିଜର ୧ ଏକର ୮ ଡେସିମିଲ ଜମି ମଣ୍ଡି ପାଇଁ ଦାନ କରିଥିଲେ। ଏହି ମଣ୍ଡିରେ ପଞ୍ଚାୟତର ଝରିଆଗୁଡା, ଡଙ୍ଗରିଗୁଡା, କାଦୋପଦର, ପାଣିଗାଁ, ନାହାଲପଡା, କଚ୍ଛାରପଦର ଗ୍ରାମର ୬୧୦ ଜଣ ଚାଷୀ ଚଳିତ ଖରିଫ ଧାନ ବିକ୍ରି ପାଇଁ ପ୍ୟାକ୍ସରେ ପଞ୍ଜିକରଣ କରିଛନ୍ତି। ଉଦ୍‌ଘାଟନ ଅବସରରେ ଉପ ଜିଲାପାଳ ଧର୍ମଗଡ ଧୀମାନ ଚକମାଙ୍କ କରକମଳରେ ପୂଜାର୍ଚ୍ଚନା ପରେ ଦୁଇଜଣ ଚାଷୀ ଗଜିନ୍ଦ୍ର ଗହୀରଙ୍କ ୨୮ କୁଇଣ୍ଟାଲ ଓ ବିରାଟ ପଟ୍ଟନାୟକଙ୍କ ୩୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଏହି ଅବସରରେ ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଉପଖଣ୍ଡ ଯୋଗାଣ ଅଧିକାରୀ ଦୁର୍ଗା ପ୍ରସାଦ ମାଝୀ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଜୟଲାଲ ନାଏକ, ରାଜ କିଶୋର ସାହୁ, ସମିତି ସଭ୍ୟ ମୁକ୍ତେଶର ନାଏକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋକସରା ପ୍ୟାକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ ପରିଚାଳନା କରିଥିଲେ।

## ରିଷିଡ଼ାରେ କୁରାଳ ପଞ୍ଚମୀ ପାଳିତ

ରିଷିଡ଼ା, ୬।୧୨ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାଠାରେ କୁରାଳ ପଞ୍ଚମୀ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଥମେ କୁମ୍ଭକାର ଜାତିର ପତାକା ସରପଞ୍ଚ ସେବତୀ ରଣା ଉତ୍ତୋଳନ କରିଥିଲେ। ପରେ କୁମ୍ଭକାର ସମାଜର ଇଷ୍ଟ ଦେବଦେବୀ ପିତା ରୁଦ୍ରପାଳ, ମାତା ରତ୍ନେଶ୍ୱରୀ, ସୁରେଶନ ଚକ୍ର ପୂଜାର୍ଚ୍ଚନା ସହ କୁରାଳ ପୁରାଣ ପଠନ ହୋଇଥିଲା। ଏଥିରେ ଶତୃଘନ ରଣା ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୁରାଳ ସମାଜର ସଭାପତି ଦିଲିପ ରଣା, ସମ୍ପାଦକ ଜଗମୋହନ ରଣା, ଉପସଭାପତି ସୀତାରାମ ରଣା, ସହ ସମ୍ପାଦକ ପୀତବାସ ରଣା, ହିମାଂଶୁ ରଣା, ଅନାଦି ରଣା, ନନ୍ଦକିଶୋର ରଣା, ଉଦିତ ରଣା, କମଳ ରଣା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ସିନାପାଲିରେ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

ସିନାପାଲି, ୬।୧୨ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସିନାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ବ୍ଲକସ୍ତରୀୟ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ସାମାଜିକ ଲିଙ୍ଗଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ଆଧାରିତ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଧାନ ଶିକ୍ଷକ ଲଳିତ ସୁନାରୀ ଓ ସମ୍ମାନିତ ଅତିଥି ଭାବରେ ରାଜ୍ୟ ସମ୍ବଳ ଶିକ୍ଷକ ପରେଶନାଥ ପାଣିଗ୍ରାହୀ ଓ ଲୋଚନ ମେହେର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସିଆର୍‌ସିସି ସୁଧିର କିଶୋର ଠାକୁର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ପଦ୍ମଲୋଚନ ନାଏକ ସଭା ପରିଚାଳନା କରିଥିଲେ। ପରିଚାଳନାରେ ମହେଶ କୁମାର ମେହେର, ଅନିମା କୁମାରୀ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ, ଟିଙ୍କି ଦୁରିଆ, ସନ୍ତୋଷ ବନ୍ଦିଛୋର, ପ୍ରସନ୍ନ କୁମାର ମାଝୀ, ଈଶ୍ୱର ବଘେଲ ପ୍ରମୁଖ ସହଯୋଗ କରୁଛନ୍ତି।

## ୨୪ରୁ ସର୍ବଭାରତୀୟ କେସିସିଏ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଡ଼ିଆଳ, ୬।୧୨ (ସୁଜିତ କୁମାର ପ୍ରଧାନ)

ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ୨୧ତମ କେସିସିଏ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଖଡ଼ିଆଳଠାରେ ଆୟୋଜକ ସମିତି ଉପସଭାପତି ବିଶ୍ୱଜିତ ପାଢ଼ୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏଥିରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ୮ଟି ଟିମ୍ ଭାଗ ନେବେ ବୋଲି କେସିସିଏ ସମ୍ପାଦକ ସନ୍ଟୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆନ୍ତର୍ଜାତିକ ଟି୨୦ ଫର୍ମାଟ୍‌ରେ ଏହି ଖେଳ ଖଡ଼ିଆଳର ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆରେ ହେବ ବୋଲି କୁହାଯାଇଛି। ଏ ନେଇ ଆୟୋଜିତ ବୈଠକରେ ସଭ୍ୟମାନଙ୍କୁ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି। କେସିସିଏର ବରିଷ୍ଠ ସଭ୍ୟ ସୁଶାନ୍ତ ତାଣ୍ଡି, ଗିରିଧାରୀ ବିଭାର, ଗୋବର୍ଦ୍ଧନ ସୁନା, ରାଜୁ ଛବଡା, ଅମିତାଭ ପଟେଲ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖଡ଼ିଆଳ ବିଧାୟକ ତଥା କେସିସିଏ ସଭାପତି ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ଦିଗ୍‌ଦର୍ଶନରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଅନ୍ୟତମ ଉପସଭାପତି ଫିରୋଜ ଖାନ୍ ଜଣାଇଛନ୍ତି। ଶେଷରେ ତାପସ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

## ଧାନ ବିକ୍ରି ପାଇଁ ଟୋକନ୍ ତାରିଖରେ ବିଳମ୍ବ

ଭବାନୀପାଟଣା, ୬।୧୨ (ଉତ୍ତମ କୁମାର ଦାଶ)


ଧାନ ଅମଳ କରି ବସ୍ତାରେ ଭରୁଛନ୍ତି ଚାଷୀ।

**ଖଳାରେ ପଡିଛି ଅମଳ ଧାନ, ଚିନ୍ତାରେ ଚାଷୀ**

କଳାହାଣ୍ଡି ଜିଲାରେ ଚଳିତ ଖରିଫ ଋତୁ ପାଇଁ ନଭେମ୍ବର ୨୯ରେ ଖୋଲିଛି ଧାନ ମଣ୍ଡି। ହେଲେ ଏବେଯାଏ ଆରମ୍ଭ ହୋଇପାରିନି ଧାନ ସଂଗ୍ରହ ପ୍ରକ୍ରିୟା। ଚଳିତବର୍ଷ ପ୍ରଥମଥର ପାଇଁ ଚାଷୀ କୁଇଣ୍ଟାଲ ୩୧୦୦ ଟଙ୍କାରେ ନିଜ କଷ୍ଟ ଉପାର୍ଜିତ ଧାନକୁ ବିକିବେ। ଏଥିପାଇଁ ସେମାନେ ବେଶ ଉତ୍ସାହିତ ରହିଛନ୍ତି। ଏପରି ସମୟରେ ଦେଖାଦେଇଛି ଟୋକନ ସମସ୍ୟା। ଚାଷୀମାନେ ଗତ ନଭେମ୍ବରରୁ ଧାନ ଅମଳ କରି ଖଳାରେ ଗଦା କରି ରଖିଛନ୍ତି। ଧାନ ବିକିବା ପାଇଁ ସେମାନେ ସଜବାଜ ହେଉଥିବା ସମୟରେ ଟୋକନ ସମସ୍ୟା ଚିନ୍ତାରେ ପକାଇଛି। ଖରିଫ ଧାନ ବିକ୍ରି କରିବା ପାଇଁ ଗତ ମେ' ମାସରେ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜିକରଣ କରିଥିଲେ। ଏହି ସମୟରେ ଯେଉଁ ତାରିଖ ମଧ୍ୟରେ ଧାନ ବିକ୍ରି କରିବାକ ସେମାନେ ଲେଖିଥିଲେ ଏବେ ମୋବାଇଲକୁ ମେସେଜ ଆସିଲା ବେଳକୁ ସେହି ତାରିଖ କିମ୍ବା ମାସ ଆସି ନ ଥିବା ଦେଖିବାକୁ ମିଳିଛି। ଧାନ ବିକ୍ରି ଟୋକନ ତାରିଖ ସବୁ ବହୁ ଦୂରକୁ ଚାଲିଯାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢିଯାଇଛି। ଚାଷୀମାନେ ଡିସେମ୍ବର ପ୍ରଥମ ସପ୍ତାହରେ ଧାନ ବିକ୍ରି କରିବା ପାଇଁ ଫର୍ମ ପୂରଣ କରିଥିବାବେଳେ ଏବେ ସେମାନଙ୍କ ଟୋକନ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସରେ ବିକ୍ରି ପାଇଁ ଟୋକନରେ ତାରିଖ ଉଲ୍ଲେଖ ରହିଛି। ଫଳରେ ଚାଷୀ ଧାନ ବିକିବା ସମ୍ଭବ ହୋଇପାରୁ ନାହିଁ। ବର୍ତ୍ତମାନ ଅମଳ ଧାନକୁ କେତେଦିନ ଖଳାରେ ରଖି ରାତି ଅନିଦ୍ରା ହୋଇ ଜଗିବସିବେ ସେହି ଚିନ୍ତା ଘାରିଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ଛତିଶଗଡ଼ ଢାଞ୍ଚାରେ ଧାନ କିଣାଯାଉ

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)



ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ପ୍ରତିନିଧିମାନେ ଛତିଶଗଡ଼ ଧାନମଣ୍ଡି ପରିଦର୍ଶନ କରୁଛନ୍ତି।

ଓଡ଼ିଶା-ଛତିଶଗଡ ରାଜ୍ୟର ଧାନ ସଂଗ୍ରହ ପ୍ରକ୍ରିୟା ତଥା ବିକ୍ରି ବ୍ୟବସ୍ଥା ମଧ୍ୟରେ ଆକାଶ ପାତାଳ ଫରକ ରହିଛି ବୋଲି ବରଗଡ଼ର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ମତବ୍ୟକ୍ତ କରିଛି। ଉକ୍ତ ସଙ୍ଗଠନର ଏକ ପ୍ରତିନିଧି ଦଳ ଶୁକ୍ରବାର ଛତିଶଗଡ଼ର ଧାନ ବିକ୍ରି ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ଛତିଶଗଡ଼-ଓଡ଼ିଶା ସୀମାନ୍ତରେ ଥିବା ବିଭିନ୍ନ ମଣ୍ଡି ବୁଲିବାକୁ ଯାଇଥିଲେ। ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଶିଷ୍ଠ, ଭେଡେନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ ପ୍ରମୁଖ ଛତିଶଗଡ଼ ରାଜ୍ୟର ବିରାଝକୁଟା ଏବଂ ସାଗରପାଲି ମଣ୍ଡିକୁ ଯାଇ ସେଠାକାର ଚାଷୀ ଓ ସରକାରୀ ଅଧିକାରୀଙ୍କୁ ଭେଟି ଧାନ ବିକ୍ରି ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ।

ବରଗଡ଼ ଜିଲା ସୋହେଲାଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ କ୍ରୟକେନ୍ଦ୍ର ଏବଂ ୟାର୍ଡମାନଙ୍କରେ କୌଣସି ଭିତ୍ତିଭୂମି ନ ଥାଇ ମଧ୍ୟ ଅତି ସୁବ୍ୟବସ୍ଥିତରେ ଧାନ କିଣାବିକା ଚାଲିଛି ବୋଲି ଉକ୍ତ ସଙ୍ଗଠନର ପ୍ରତିନିଧିବୃନ୍ଦ କହିଛନ୍ତି। ସେଠାକାର ଚାଷୀମାନଙ୍କୁ ସ୍ଥାନୀୟ ପ୍ରାଥମିକ ସେବା ସମବାୟ ସମିତି ଟୋକେନ ଜାରି କରିଥାନ୍ତି। ଚାଷୀମାନେ ଟୋକନ ପାଇ ୟାର୍ଡକୁ ନିଜ ସାଧନରେ ଧାନ ଆଣନ୍ତି। ସେହି ଧାନକୁ ୟାର୍ଡ ଅଧିକାରୀ ଆର୍ଦ୍ରତା ପରୀକ୍ଷା କରି ୧୭ ପ୍ରତିଶତ ପର୍ଯ୍ୟନ୍ତ ଥିଲେ ବିକ୍ରିଯୋଗ୍ୟ ଘୋଷଣା କରନ୍ତି। ଅଧିକାରୀଙ୍କ ଘୋଷଣା ପରେ ଚାଷୀଙ୍କୁ ବସ୍ତା ଦିଆଯାଏ। ସେହି ଚାଷୀଙ୍କ ଧାନ ଓଜନ ପରେ ତାଙ୍କୁ ମାତ୍ର କିଛି ଘଣ୍ଟା ମଧ୍ୟରେ ରସିଦ ଦିଆଯାଇଥାଏ। ସେଠାରେ ଚାଷୀ ଗୋଟିଏ ଦିନରେ ଧାନ ବିକ୍ରିକରିଥାଏ ବୋଲି ଏହି ପ୍ରତିନିଧି ପ୍ରକାଶ କରିଛନ୍ତି। ଗତ ସରକାର ସମୟରେ ଛତିଶଗଡ ଭଳି ଏଠାରେ ଧାନ

### ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ଦାବି

ବିକ୍ରି ବ୍ୟବସ୍ଥା ପାଇଁ ଅନେକ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଦୀର୍ଘ ୨୪ ବର୍ଷ ଶାସନ କାଳରେ ୟାର୍ଡରେ ମିଲ ମାଲିକ ଓ ଦଲାଲମାନଙ୍କ ରାଜ୍ ଚାଲିଥିଲା ଏବଂ ଚାଷୀମାନେ କଟନୀଛଟନୀରେ କ୍ଷତିଗ୍ରସ୍ତ ହେଉଥିଲେ ବୋଲି ଉକ୍ତ ଚାଷୀ ସଙ୍ଗଠନ ଅଭିଯୋଗ କରିଛି। ଅନ୍ୟପକ୍ଷେ ବର୍ତ୍ତମାନର ସରକାର ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେବା ସହ କଟନୀ ଛଟନୀ ବନ୍ଦ କରାଯିବା, ମଣ୍ଡିରେ ଦଲାଲରାଜ ସମାପ୍ତ ଏବଂ ଜିଲାପାଳଙ୍କୁ ଧାନ ବିକ୍ରିର ସମ୍ପୂର୍ଣ୍ଣ କ୍ଷମତା ଦିଆଯିବା ପାଇଁ ଘୋଷଣା କରିଥିଲେ। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ବର୍ତ୍ତମାନ ଓଡ଼ିଶାର ଧାନ କ୍ରୟକେନ୍ଦ୍ର ମାନଙ୍କରେ ଗ୍ରେନ୍ ଆନାଲାଇଜର୍ ମେଶିନ ଆଣି ଚାଷୀମାନଙ୍କ ସମସ୍ତ ଧାନକୁ ଅଯୋଗ୍ୟ ଘୋଷଣା କରାଯାଉଛି। ଏହି ଗ୍ରେନ୍ ଆନାଲାଇଜର୍ ମେଶିନ ଅନ୍ୟ କୌଣସି ରାଜ୍ୟରେ ନ ଥିବା ଉକ୍ତ ଚାଷୀ ସଙ୍ଗଠନର ପ୍ରତିନିଧିମାନେ କହିଛନ୍ତି। ଗ୍ରେନ୍ ଆନାଲାଇଜର ଭୟ ସହିତ ଟୋକେନ ସମସ୍ୟା, ବସ୍ତା ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଆମ ଚାଷୀ ମଣ୍ଡିକୁ ଧାନ ଆଣିବା ପାଇଁ ଇଚ୍ଛା କରୁନାହାନ୍ତି। ଜନ ପ୍ରତିନିଧି ଏ ଦିଗରେ ଆଦୌ ଚିନ୍ତା କରୁ ନାହାନ୍ତି ବରଂ ଚାଷୀମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସଙ୍ଗଠନ ଅଭିଯୋଗ କରିଛି।

ଆସନ୍ତା ୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସୋହେଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଧାନର ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅତିରିକ୍ତ ସହାୟତା, ଛତିଶଗଡ ଭଳି ଧାନବିକ୍ରିରେ ବିକେନ୍ଦ୍ରୀକରଣ ବ୍ୟବସ୍ଥା, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ କାର୍ଯ୍ୟକ୍ଷମ କରିବା ଏବଂ ଟୋକନ ସମସ୍ୟାର ସମାଧାନ ଜିଲା ପ୍ରଶାସନ ଦ୍ୱାରା କରିବା, ଡିଜିଟାଲ ଆନାଲାଇଜର୍ ମେଶିନ ବନ୍ଦ କରି ଧାନ କିଣିବା, ବସ୍ତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ଦାବି କରିଛି।

# ବସଷ୍ଟାଣ୍ଡ ଦୁରବସ୍ଥା ନିରୀକ୍ଷଣକଲେ ପୌରାଧ୍ୟକ୍ଷା



ବରଗଡ଼ ପୌରାଧ୍ୟକ୍ଷା ବସଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରୁଛନ୍ତି।

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ମଧ୍ୟରେ ରହିଥିବା ସରକାରୀ ବସଷ୍ଟାଣ୍ଡର ଦୁରବସ୍ଥା ନେଇ ଅଭିଯୋଗ ହେବା ପରେ ଶୁକ୍ରବାର ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାକେଶ ଅଗ୍ରୱାଲ ପ୍ରମୁଖ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ଶୌଚାଳୟରେ ପାଣି, ବିଜୁଳି, ସଫେଇ ବ୍ୟବସ୍ଥା ଉପରେ ସେମାନେ ବସଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ବସଷ୍ଟାଣ୍ଡ ପରିସରରେ ଯେଉଁ ସମସ୍ୟା ରହିଛି, ତାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ସେମାନେ ବସଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଆଲୋଚନା ସମୟରେ ଆଡଭୋକେଟ୍ ଭୀଷ୍ମଦେବ ସରାଫ, ବିଶ୍ୱଜିତ ବିଶ୍ୱାଳ, ମନୋହର ପ୍ରଧାନ, ଶୟନ ପଣ୍ଡା, ଭବାନୀ ସାହୁ, କିଶୋର ସାହୁ, ସରୋଜ ନାୟକ, ନିଖିଳ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଉକ୍ତ ବସଷ୍ଟାଣ୍ଡ ଉପରେ ଜିଲା ତଥା ଜିଲା ବାହାର ଲୋକେ ନିର୍ଭର କରୁଥିବାବେଳେ ଏଠାରେ ଦୀର୍ଘଦିନରୁ ବହୁବିଧ ସମସ୍ୟା ଲାଗିରହିଛି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରସ୍ତୁତି

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ଜିଲା ବିଜ୍ଞାନ କେନ୍ଦ୍ରରେ ଆସନ୍ତା ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକକୁ ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ସଂଯୋଜନା କରିଥିଲେ। ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ, ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ, ବିଜେପୁର ବ୍ଲକ ଶିକ୍ଷାଧିକାରୀ ନାରାୟଣ ଭୁଏ, ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ ଶୁଭମ ପତି, ଅମ୍ବାଭୋନା ବ୍ଲକ ଶିକ୍ଷାଧିକାରୀ ଭାବନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ କିଭଳି ଠିକ୍ ଭାବେ ସଫଳତାର ସହିତ ସମାପନ କରାଯାଇପାରିବ, ତାହା ଉପରେ ସମସ୍ତେ ନିଜ ମତ ରଖିଥିଲେ। ସେହିପରି ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ବିଜ୍ଞାନ ଶିକ୍ଷକ, ପ୍ରଧାନ ଶିକ୍ଷକ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ବରପାଲି ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାରା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂକଳ୍ପ ଉଦ୍‌ଯାପିତ



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀବୃନ୍ଦ।

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ନବନିଯୁକ୍ତ ମାଧ୍ୟମିକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଶିକ୍ଷଣ ଦକ୍ଷତା କୌଶଳ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ପାଇଁ ଚାଲିଥିବା ପଞ୍ଚଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂକଳ୍ପ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ, ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ମେହେର, ସଂଯୋଜକ ପୁଷ୍ପାଞ୍ଜଳି ଦାଶ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ବିରେନ୍ଦ୍ର ଦାଶ, ସଞ୍ଜୟ ଖମାରୀ, ଯତୀନ ମେହେର, ଭୀଷ୍ମଦେବ ପ୍ରଧାନ ସାଧନ କର୍ମୀ ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଉକ୍ତ ପ୍ରଥମ ପର୍ଯ୍ୟାୟ ସଂକଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅମ୍ବାଭୋନା, ଭଟଲି ଏବଂ ବରଗଡ଼ ବ୍ଲକ, ପୌରାଞ୍ଚଳରେ କାର୍ଯ୍ୟରତ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ।

ବିଦ୍ୟାଳୟର ଗଠନମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ସେହିପରି ସଂକଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆହରଣ କରିଥିବା ଜ୍ଞାନ କୌଶଳକୁ ସମସ୍ତ ପ୍ରଶିକ୍ଷାର୍ଥୀ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ସମ୍ମାନିତ ଅତିଥି କହିଥିଲେ। ସାଧନକର୍ମୀ ଖମାରୀ ଏବଂ ଦାଶ ସଂକଳ୍ପ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷାର୍ଥୀ ଦିପ୍ତୀମୟୀ ସାହୁ ଏବଂ ଶତୃଘ୍ନ ମହାନନ୍ଦ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ଝରଣା ଦାଶ କାର୍ଯ୍ୟକ୍ରମ ପରିଚାଳନା ଏବଂ ସଂଯୋଜକ ପୁଷ୍ପାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ

ବରଗଡ଼,୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରଠାରୁ ୧୧କି.ମି ଦୂର ବାଲିଯୋରୀ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ପିଲାଙ୍କ ପାଖରେ ପାଠାଗାର ଭ୍ରାମ୍ୟମାଣ ପୁସ୍ତକ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପୁସ୍ତକ ମନସ୍କ ବ୍ୟକ୍ତି କେବେ ଭୁଲ୍ ରାସ୍ତାରେ ଯାଇ ନ ଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଫଳରେ ଭଲ ବହି ପଢ଼ି ଭଲ ମଣିଷ ହେବା ପାଇଁ ମୁଖ୍ୟଅତିଥି ସାହୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ତହସିଲଦାର ଭୋଇ, ଶିକ୍ଷୟିତ୍ରୀ ସୀମା ବାରିକ, ସୁନୀତା ମହାନନ୍ଦ, ଅଞ୍ଜଳି ବୁଧିଆ ଜୀବନର ଶେଷ ପର୍ଯ୍ୟନ୍ତ ପୁସ୍ତକ ପଠନ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁଶ୍ରୀର ଆବାହକ ଡ. ରବିନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଭାଗ ନେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରାଚୀ ବିଶ୍ୱାଳ, ଦେବାଶିଷ ଜୁଆଡ଼ି, ବିଉଟି ବିଶ୍ୱାଳ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ୮ରେ ମୁଖ୍ୟମନ୍ତ୍ରୀଙ୍କ ସୋହେଲା ଗସ୍ତ



ପୋଲିସ ଆଇଜି ହିମାଂଶୁ ଲାଲ ସଭାସ୍ଥଳ ନିରୀକ୍ଷଣ କରୁଛନ୍ତି।

ସୋହେଲା,୬।୧୨(ଅଶ୍ୱିନୀ କୁମାର ପାତ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ତାରିଖରେ ବରଗଡ଼ ଜିଲା ସୋହେଲା ଗସ୍ତ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ସୋହେଲା ନିକଟସ୍ଥ ଇଚ୍ଛାପାଲି ପଡ଼ିଆରେ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ପୋଲିସ ଆଇଜି ହିମାଂଶୁ ଲାଲ୍ ଶୁକ୍ରବାର ସୋହେଲା ଆସି ସଭାସ୍ଥଳ ନିରୀକ୍ଷଣ କରିଥିଲେ। ଏହି ସମୟରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମିନା ଏବଂ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ

### ପ୍ରସ୍ତୁତି ଜୋରଦାର

ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ନେତା, ମନ୍ତ୍ରୀ ଓ ଦଳୀୟ କର୍ମୀ ଯୋଗ ଦେବେ। କେନ୍ଦ୍ରୀୟ ନେତାଙ୍କ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି। ଏହି ସଭାରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ମୁଖ୍ୟମନ୍ତ୍ରୀ ଧାନର ସର୍ବନିମ୍ନ କୁଇଣ୍ଟାଲ ପିଛା ୨୩ ଶହ ଟଙ୍କା ଉପରେ ୮ ଶହ ଟଙ୍କାର ଇନ୍‌ପୁଟ ସହାୟତା ସହିତ ସମୁଦାୟ ୩୧ ଶହ ଟଙ୍କା ପ୍ରଦାନର ଶୁଭାରମ୍ଭ କରିବେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବରପାଲି,୬।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ କଦଳୀପାଲିସ୍ଥିତ ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ପରିଚାଳନାରେ ୩୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ ଦୌଡ଼, ଲାଞ୍ଜି ଟଣା, ସାଇକେଲ୍ ସ୍ଲୋ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଜାଭଲିନ ଥ୍ରୋ, ସର୍ଟପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ ଏବଂ ମ୍ୟୁଜିକାଲ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ସଭାରେ ବରପାଲି ଏନ୍‌ଏସି ଅଧକ୍ଷ ଦିନେଶ ଗହୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ହିନ୍ଦୀ ଅଧାପକ ରବିନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ, ଅଧାପିକା ଓ କର୍ମଚାରୀ ଭାବେ ସୁଧାଂଶୁ କୁମାର ଦାସ, ସୁରେଶ ବାରିକ, ସୁନିଲ କୁମାର ବେହେରା, ମିନତି ବାବୁ, ନିବେଦିତା ବେହେରା, ଅନ୍ତର୍ଯାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ଆନନ୍ଦ ବେହେରା, କାଲୁ କୁମ୍ଭାର ଏବଂ ସମସ୍ତ ଛାତ୍ରୀ ସହଯୋଗ କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଛାତ୍ରୀଗଣ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ସମେତ ଛାତ୍ରୀ ଓ ଶିକ୍ଷୟିତ୍ରୀଗଣ।

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ)

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରୁ ୧୬ଟି ଇଭେଣ୍ଟରେ ୪୮ ଜଣ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ନୀଳିମାରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ଷୀରୋଦ୍ର କୁମାର ଦାସ, ଚନ୍ଦ୍ରମଣି ସାହୁ, କେଶବ ପ୍ରଧାନ, ସଦାନନ୍ଦ ସାହୁ, ଜ୍ୟୋସ୍ନାରାଣୀ ସାହୁ, ପୂଜାରାଣୀ ନାୟକ, ରବିନା ପଧାନ, ବୃନ୍ଦାବତୀ ସାହୁ, ଖୁସ୍‌ବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।

# କୁରାଳ ପଞ୍ଚମୀରେ କଳସ ଯାତ୍ରା

ବରପାଲି,୬।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଗ୍ରୀଣ୍ଡୋଲା ଗ୍ରାମର କୁମ୍ଭାର ସମାଜ ତରଫରୁ କୁରାଳ ପଞ୍ଚମୀ ଅନୁଷ୍ଠିତ ହୋଇଯାଇଛି। ଲବ ରଣା ଓ ତାଙ୍କ ସ୍ତ୍ରୀ ରକ୍ମିଣୀ ରଣା କର୍ତ୍ତା ଏବଂ ଜୟନ୍ତ ଶତପଥୀ ପୂଜକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ଜିରା ନଦୀରୁ ଜଳପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ କୁମ୍ଭାର ସମାଜର ନୀତି ନିୟମରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଗ୍ରୀଣ୍ଡୋଲା ଗ୍ରାମର ଦେବରାଜ ରଣା, ଜେହେରୁ ରଣା, ବୁଧୁ ରଣା, ରାଜୀନ୍ଦ୍ର ରଣା, ଦିଲୀପ ରଣା, କୁଶ ରଣା, ବାବୁଲୁ ରଣା, ମନସୀ ରଣା, ଲିଙ୍ଗରାଜ ରଣା, ହରିବୋଲ ରଣା ପ୍ରମୁଖ ସହଯୋଗ କରିଥିଲେ।

# ମଣ୍ଡି ପରିଦର୍ଶନ କଲେ ଉପଜିଲାପାଳ

ପଦ୍ମପୁର,୬।୧୨(ପ୍ରଦୀପ୍ତ ଦାଶ)

ଚଳିତବର୍ଷ ଖରିଫ ଧାନ କିଣାବିକା ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲ ଦହିତା, ବୁଡେନ, ଦହିଗାଁ, କଂସର, ବୁଡାମାଲ ମଣ୍ଡିକୁ ଯାଇ ଚାଷୀ, ଧାନକ୍ରୟ ପାଇଁ ନିୟୋଜିତ ସମବାୟ ସମିତି ଓ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ଯେଉଁଭଳି ଧାନକ୍ରୟ ଶୃଙ୍ଖଳିତ ଭାବେ ହେବ ସେ ନେଇ ଆଲୋଚନା କରିବା ସହିତ ଚାଷୀମାନେ ମଣ୍ଡିକୁ ଏଫ୍‌ଏକ୍ୟୁ ଧାନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ମଣ୍ଡି ଭିତ୍ତିଭୂମି ଓ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ସେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ।



ଉପଜିଲାପାଳ ମଣ୍ଡି ଭିତ୍ତିଭୂମି ଯାଞ୍ଚ କରୁଛନ୍ତି।

# ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ

ସୋନପୁର,୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପରେଡ୍ ପଡିଆଠାରେ ୬୨ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ନାୟକ ତାଙ୍କ ବକ୍ତବରେ ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ ବୋଲି ମତପ୍ରକାଶ କରିଥିଲେ। ଗୃହରକ୍ଷୀମାନେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ଆଇନଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ ଓ କୋଭିଡ୍ ମହାମାରୀ ସମୟରେ ସେବା ଯୋଗାଇବା ଭଳି ସବୁ କ୍ଷେତ୍ରରେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି। ଏହି ସେବା ଦ୍ୱାରା ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଥିବାରୁ ଗୃହରକ୍ଷୀମାନେ ସର୍ବଦା ପ୍ରଶଂସନୀୟ ବୋଲି ଅତିରିକ୍ତ ଏସ୍‌ପି କହିଥିଲେ। ପରେ ନାୟକ ରାଷ୍ଟ୍ରପତି ଦୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ହେମଗାର୍ଡ ଡିଜି ସୁଧାଂଶୁ ଷଡଙ୍ଗୀଙ୍କ ବାର୍ତ୍ତା ପାଠ କରିଥିଲେ। ଉତ୍ତମ କାର୍ଯ୍ୟ ପାଇଁ ଲଛିପୁର ଥାନାର ଗୃହରକ୍ଷୀ ବିକ୍ରମ କେଶରୀ ଦାଶ, ବୀରମହାରାଜାପୁର ଆଦର୍ଶ ଥାନାର ବିନୋଦ ତାଣ୍ଡିଆ ଓ ସୋନପୁର ଥାନାର ମହିଳା ଗୃହରକ୍ଷୀ ରାସେଶ୍ୱରୀ ଦୀପଙ୍କୁ ମାନପତ୍ର ସହ ଅର୍ଥରାଶି ଦେଇ ସମ୍ମାନିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଡିଏସ୍‌ପି ଚନ୍ଦ୍ରଶେଖର ଶବର, ରେଣୁକା ସୁନା, ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ, ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୋନପୁର ଆଇଆଇସି ରଞ୍ଜିତ କୁମାର ସାହୁ, ଇନିସପେକ୍ଟର ରମେଶ କୁମାର ମାହାନା, ରାଜେଶ୍ୱରୀ ଭୋଇ ଉପସ୍ଥିତ ଥିଲେ। ସଭାକୁ ଆରକ୍ଷୀ ନିରୀକ୍ଷକ ସରୋଜ ବେହେରା ପରିଚାଳନା କରିଥିଲାବେଳେ ସର୍ଜେଣ୍ଟ ନୀଳକଣ୍ଠ କୁଅଁର ସହଯୋଗ କରିଥିଲେ। ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରିଜର୍ଭ ପୋଲିସ ଅଫିସଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଜିଲା କନଷ୍ଟେବଳ-ହାବିଲଦାର ସଂଘର ସଭାପତି ଦୀନେଶ ମିଶ୍ର, ସମ୍ପାଦକ ରଞ୍ଜିତ ପ୍ରଧାନ ଓ ମନୋଜ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ସୋନପୁର ଥାନାର ଗୃହରକ୍ଷୀ ରାସେଶ୍ୱରୀ ଦୀପଙ୍କୁ ସମ୍ମାନିତ କରୁଛନ୍ତି।

# ବନ୍ଦ ଦୋକାନ, ଘରୁ ସୁନାଗହଣା ଚୋରି

**ରାଉରକେଲା,୬।୧୨(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ଜଲଦା ଏ ବ୍ଲକର ଜଣେ ବ୍ୟବସାୟୀଙ୍କ ବନ୍ଦ ଦୋକାନ ଓ ଘରୁ ଗତ ୨ ଦିନ ତଳେ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ନଗଦ ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୪୭/୨୪) ରୁଜୁ କରିଛି। ଘଟଣାସ୍ଥଳରେ ଅନୁସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରିଛି। ବ୍ୟବସାୟୀ ପପୁ ପ୍ରସାଦ ଗୁପ୍ତାଙ୍କ ଅଭିଯୋଗ ଅନୁଯାୟୀ ସେ ବିବାହ କାର୍ଯ୍ୟରେ ଯୋଗ ଦେବା ଲାଗି ସପରିବାର ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘର ଓ ଦୋକାନ କବାଟ ଭାଙ୍ଗି ୪୦ ହଜାର ଟଙ୍କା ଏବଂ ପ୍ରାୟ ୧୦ଭରି ସୁନାଗହଣା ଚୋରି କରିନେଇଛନ୍ତି। ରାଉରକେଲା ଫେରିବା ପରେ ପପୁ ଏହା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସୁଇପର ବସ୍ତିକୁ ବିଦ୍ୟୁତ୍ ସେବା ଅପହଞ୍ଚ

**ରାଉରକେଲା,୬।୧୨(ସଙ୍ଗୀତା ଜେନା)**

ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ସ୍ମାର୍ଟସିଟି ରାଉରକେଲାର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏବେ ମଧ୍ୟ ବିଦ୍ୟୁତ୍ ସେବା ଅପହଞ୍ଚ ହୋଇ ରହିଛି। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଧୀନ ୱାର୍ଡ ନମ୍ବର ୨୦ ରେଲବାଇ କଲୋନୀରେ ଥିବା ସୁଇପର ବସ୍ତିରେ ଏପରି ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଏଠାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଆସୁବା ସ୍ଥାନୀୟ ଲୋକଙ୍କ ନିକଟରେ ଏହି ମୌଳିକ ସେବା ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଲୋକମାନେ ଅନ୍ଧକାରରେ ଜୀବନ ବିତାଉଛନ୍ତି। ବସ୍ତି ଲୋକେ ଏ ନେଇ ବିଦ୍ୟୁତ୍ ବିଭାଗ ନିକଟରେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କିଛିଦିନ ତଳେ ସାମାଜିକ କର୍ମୀମାନେ ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ସ୍ମାରକପତ୍ର



ପ୍ରଦାନ କରିଥିଲେ। ହେଲେ ବିଭାଗୀୟ ଅଧିକାରୀ ରେଲବାଇ ଜାଗାରେ ବସ୍ତି ରହିଥିବାରୁ ବିନା ଅନୁମତିରେ ବିଦ୍ୟୁତ୍ ସୁବିଧା ଦିଆଯାଇପାରିବ ନାହିଁ ବୋଲି କହୁଛନ୍ତି। ଉକ୍ତ ବସ୍ତିରେ ପ୍ରାୟ ୬୦ରୁ ୭୦ ଘର ଥିବାବେଳେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏ ନେଇ ସ୍ଥାନୀୟ ଛାତ୍ର ସତୀଶ ସାଗର କୁହନ୍ତି, ଅଞ୍ଚଳରେ ବିଦ୍ୟୁତ୍ ସେବା ନ ଥିବାରୁ ବାସିନ୍ଦାମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରୀଷ୍ମଦିନରେ ବରିଷ୍ଠ ନାଗରିକ ଓ ଶିଶୁମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଅଧିକ ଗରମ ସହ୍ୟ କରି ନ ପାରି କିଛି ବୃଦ୍ଧ ପ୍ରାଣ ହରାଇଛନ୍ତି। ତେଣୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉ ବୋଲି ସାଗର କହିଥିଲେ। ବିଦ୍ୟୁତ୍ ନ ଥିବା ଯୋଗୁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ବୋଲି ଗୃହିଣୀ ଲକ୍ଷ୍ମୀ ବାଗ କହିଥିଲେ। ସେହିପରି ଅସୁବିଧା ସମ୍ପର୍କରେ ସମସ୍ତ ରାଜନେତାଙ୍କୁ କୁହାଯାଉଛି। ହେଲେ ନିର୍ବାଚନ ସମୟରେ ସମସ୍ତେ ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଛନ୍ତି ବୋଲି ସୁଜାତା ଷଣ୍ଢ ଅଭିଯୋଗ କରିଥିଲେ। ସେହିପରି ଲକ୍ଷ୍ମୀ ବାଗ, ପ୍ରେମ ବେହେରା, ରୋଶନ ବେହେରାଙ୍କ ଭଳି ବସ୍ତି ବାସିନ୍ଦା ସମାନ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ ଆର୍‌ଇଡ଼ି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପାର୍ଥ ଚକ୍ରବର୍ତ୍ତୀଙ୍କୁ ପଚାଯିବାରୁ ସେ କହିଲେ, ବସ୍ତିର ରାସ୍ତାଘାଟ ରେଲବାଇ କର୍ତ୍ତୃପକ୍ଷଙ୍କ ମାଲିକାନାରେ ଯାଉଛି। ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ସହ ମିଳିମିଶି ଏହି କାର୍ଯ୍ୟ ସୂଚାରୁ ରୂପେ କରିବ ବୋଲି ଚକ୍ରବର୍ତ୍ତୀ କହିଥିଲେ। ସୂଚନାଯୋଗ୍ୟ, ରାଉରକେଲାର ଅନେକ ବସ୍ତି ରେଲବାଇ ଜମିରେ ରହିଛି। ହେଲେ ସେଠାକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ହେଲେ ରାଜନୈତିକ ଉଦାସୀନତା ଯୋଗୁ ସୁଇପର ବସ୍ତିକୁ ଏହି ସେବା ପହଞ୍ଚି ପାରିନାହିଁ।

# ଜୀବନରେ ଲକ୍ଷ୍ୟ ରଖି ପରିଶ୍ରମ କଲେ ସଫଳତା ମିଳିଥାଏ




ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଉରକେଲା,୬।୧୨(ଦିନେଶ ମିଶ୍ର)**

### ସରକାରୀ ଆଇଟିଆଇର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ରାଉରକେଲା ଶିଳ୍ପାଞ୍ଚଳରେ ଥିବା ସରକାରୀ ଆଇଟିଆଇ ପକ୍ଷରୁ ୬୫ତମ ବାର୍ଷିକ କ୍ରୀଡା ଉତ୍ସବ-୨୦୨୪ ଅଧ୍ୟକ୍ଷ ଦାମନ ସୋରେନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ହେଡ୍ ଫେରୋ ସ୍କ୍ରାପ୍ ନିଗମ ଲିମିଟେଡର ମୁଖ୍ୟ ଗୁରୁଦତ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଜୀବନରେ ଶିକ୍ଷା ସହ କ୍ରୀଡ଼ା ହେଉଛି ଅନ୍ୟତମ ଅଙ୍ଗ। ତେଣୁ ପ୍ରତ୍ୟେକ ଛାତ୍ର ଜୀବନରେ ଲକ୍ଷ୍ୟ ରଖି ନିଷ୍ଠାର ସହ କଠିନ ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ତର୍ଜାତୀୟ କବାଡି ରେଫରୀ ଅରବିନ୍ଦ କୁମାର ପାତ୍ର ଓ ପି. କେ ମହାନ୍ତି, ଆଇଟିଆଇର ଉପାଧ୍ୟକ୍ଷ ଉତ୍ତମ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ଉତ୍ସବରେ ସରକାରୀ ଆଇଟିଆଇର ଫିଟର, ଇଲେକ୍ଟ୍ରିକାଲ, ମେକାନିକାଲ ଭଳି ୨୯ଟି ବିଭାଗର ୮ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ରୀଡାବିତ୍‌ମାନେ ସାମୂହିକ ଶପଥ ପାଠ କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ୧୬ଟି ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ଆଇଟିଆଇର କ୍ରୀଡ଼ା ଶିକ୍ଷକ କୁଳଦୀପ ଲାକ୍ରା, ଅନୀଲ କୁମାର ନାୟକ, ଯୋଗେଶ୍ୱର ପ୍ରସାଦ ମିଶ୍ର, ସଟିତା ଦାସ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ଶକ୍ତିଭୂଷଣ ମହାନ୍ତି ଓ ରଜନୀ ଶର୍ମା ମଞ୍ଚ ପରିଚାଳନା ଏବଂ ସରକାରୀ ଆଇଟିଆଇର ଛାତ୍ର ସଂସଦ ସଭାପତି ସୁବ୍ରତ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସରେ ମାନବଶୃଙ୍ଖଳ

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ଜାତୀୟ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିରାପତ୍ତା ବାର୍ତ୍ତା ପ୍ରଚାର ପ୍ରସାର ଏବଂ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଆର୍‌ଏସ୍‌ପିର କୋଲ୍ କେମିକାଲ ବିଭାଗରେ ନିୟୋଜିତ କର୍ମଚାରୀ ଓ ଠିକା ଶ୍ରମିକମାନେ ଏକ ମାନବଶୃଙ୍ଖଳ ଗଠନ କରିଥିଲେ। ଏହା ମାଧ୍ୟମରେ ରାସାୟନିକ ନିରାପତ୍ତା ଏବଂ ବିପର୍ଯ୍ୟୟ ପ୍ରସ୍ତୁତିର ମହତ୍ତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ମାନବଶୃଙ୍ଖଳ କାର୍ଯ୍ୟକ୍ରମ କୋକ୍ ଓଭେନ ଛକରୁ ସିଓ-ସିସିଡି ଗ୍ୟାସ ହୋଲ୍ଡର ପର୍ଯ୍ୟନ୍ତ ବ୍ୟାପିଥିଲା। ଏଥିରେ ଅଂଶଗ୍ରହଣକାରୀମାନେ ରାସାୟନିକ ପଦାର୍ଥର ନିରାପଦ ପରିଚାଳନା, ସୁରକ୍ଷା ପ୍ରୋଟୋକଲ ଗୁଡିକର ଅନୁପାଳନ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଠିକ୍ ସମୟରେ ଆବଶ୍ୟକ ଯନ୍ତ୍ରପାତି ବିନିଯୋଗ ଓ ଉପଯୋଗିତାର ଗୁରୁତ୍ୱ ବହନ କରୁଥିବା ବାର୍ତ୍ତା ସହ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ସିସିଡି ଅପରେଶନ ବିଭାଗର ଏଜିଏମ୍ ତଥା ଡିଏସ୍‌ଓ ଏମ. କେ. ପାଣିଗ୍ରାହୀ ଏବଂ ଡେପୁଟି ମ୍ୟାନେଜର ଆର. ଏନ୍. ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପୋଲିସ କର୍ମଚାରୀମାନେ ପରେଡ୍ ପ୍ରଦର୍ଶନ କରୁଛନ୍ତି।

# ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଆହ୍ୱାନ

**ରାଉରକେଲା,୬।୧୨(ଦିନେଶ ମିଶ୍ର)**

### ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ବାହିନୀର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା ରିଜର୍ଭ ପରେଡ ପଡିଆଠାରେ ଜିଲା ପୋଲିସ ବାହିନୀ ପକ୍ଷରୁ ୬୨ତମ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ମଙ୍ଗଳ ପାଇଁ ଗୃହରକ୍ଷୀ ବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ ପର୍ବପର୍ବାଣୀରେ ସେବା ମନୋବୃତ୍ତି ନେଇ ନିଃସ୍ୱାର୍ଥପର ଭାବେ କାମ କରିବାକୁ ଡିଆଇଜି ରାୟ ଆହ୍ୱାନ ଦେଇଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନି ଓ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଗୃହରକ୍ଷୀ ବାହିନୀରେ ଉତ୍ତମ ସେବା ପ୍ରଦାନ କରିଥିବା ରାଉରକେଲା ମହିଳା ପ୍ଲାଟୁନ କମାଣ୍ଡର ଗାୟତ୍ରୀ ସିଂ, ଗୃହରକ୍ଷୀ ଦୀପକ ରାଉତ, ସପନ ରାଉତରାୟ, ହିମାଂଶୁ ଶେଖର ନାୟକ, ଶାନ୍ତିଲତା ସାହୁ, ଶରତ ବେହେରା, ସଚିନ କୁମାର ସାହୁ, ଶୁକଦେବ କୁମ୍ଭାର, ସୁନୀତା ବାଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କଲେଜ ସ୍ତର ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦିବସରେ ଆରଏସ୍‌ପି ଅଗ୍ନିଶମ ବାହିନୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ପକ୍ଷରୁ ଏକ ମକ୍‌ଡ୍ରିଲ ହୋଇଥିଲା। ସେହିପରି ଅଗ୍ନିଶମ ବିଭାଗ, ଗୃହରକ୍ଷୀ ବାହିନୀ ଓ ବେସାମରିକ ବାହିନୀ ସହ ରାଉରକେଲା ପୋଲିସ ବ୍ୟାଣ୍ଡଦଳ ପକ୍ଷରୁ ପରେଡ ପ୍ରଦର୍ଶନ କରାଯାଇଥିଲା। ରିଭର୍ଜ ଇନ୍ସପେକ୍ଟର ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ମଞ୍ଚ ପରିଚାଳନା ଏବଂ ଏଡିଏସ୍‌ପି ପ୍ରଭା ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ରେଳବାଇ ଟ୍ରେଡ୍ ୟୁନିୟନ ନିର୍ବାଚନ ସମ୍ପନ୍ନ



କ୍ୟାମ୍ପରେ ଦକ୍ଷିଣ-ପୂର୍ବ ରେଳବାଇ ମଜଦୂର ସଂଘର ନେତୃବୃନ୍ଦ।

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

### ଡିସେମ୍ବର ୧୨ରେ ଫଳାଫଳ ଘୋଷଣା

ଦକ୍ଷିଣ-ପୂର୍ବ ଚକ୍ରଧର ରେଳମଣ୍ଡଳ ଅଧୀନ ରାଉରକେଲା ରେଳବାଇରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କୁ ନେଇ ସର୍ବଭାରତୀୟ ରେଳବାଇ ଟ୍ରେଡ୍ ୟୁନିୟନ ନିର୍ବାଚନ ଶୁକ୍ରବାର ସମ୍ପନ୍ନ ହୋଇଛି। ଏହି ନିର୍ବାଚନ ଗତ ୪ତାରିଖରୁ ଆରମ୍ଭ ହୋଇ ୩ଦିନ ଧରି ଚାଲିଥିଲା। ଚକ୍ରଧରପୁର ରେଳମଣ୍ଡଳର ମୋଟ ୮ଟି ବୁଥ୍‌ରେ ଏହି ନିର୍ବାଚନ ହୋଇଥିଲା। ସମୁଦାୟ ୨୪ହଜାର ୩ଶହ ରେଳବାଇ କର୍ମଚାରୀ ନିଜ ମତଦାନ ସାବ୍ୟସ୍ତ କରିଥିଲେ। ରାଉରକେଲା ରେଳବାଇର ୨ଟି ବୁଥ୍ ଏବଂ ବନ୍ଧମୁଣ୍ଡାର ୫ଟି ବୁଥ୍‌ରେ ରାଉରକେଲା ରେଳବାଇ କର୍ମଚାରୀ ମତଦାନ କରିଥିଲେ। ମୋଟ୍ ୭୫ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୧୨ତାରିଖରେ ଫଳାଫଳ ସାର୍ବଜନୀନ କରାଯିବ ବୋଲି ରେଳବାଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ଦକ୍ଷିଣ-ପୂର୍ବ ରେଳବାଇ ମଜଦୂର ସଂଘ, ଦକ୍ଷିଣ-ପୂର୍ବ ମେନ୍ସ କଂଗ୍ରେସ, ଦକ୍ଷିଣ-ପୂର୍ବ ରେଳବାଇ ମେନ୍ସ ୟୁନିୟନ, ଦକ୍ଷିଣ-ପୂର୍ବ ତୃଣମୂଳ କଂଗ୍ରେସ, ଦକ୍ଷିଣ-ପୂର୍ବ ମଜଦୂର ୟୁନିୟନ ଏବଂ ବିକେଏସ୍‌ଆର୍‌ୟୁ ଆଦି ୬ଟି ସଙ୍ଗଠନ ନିର୍ବାଚନରେ ଭାଗ ନେଇଥିଲେ। ଏହି ନିର୍ବାଚନ ଦୀର୍ଘ ୧୦ବର୍ଷ ଧରି ହୋଇ ନ ଥିଲା। ଦକ୍ଷିଣ-ପୂର୍ବ ରେଳବାଇ ମଜଦୂର ସଂଘର ନେତୃତ୍ୱ ନେଇଥିଲେ ସ୍ଥାନୀୟ ମଣ୍ଡଳ ସଂଯୋଜକ ଅକ୍ଷୟ କୁମାର ଝା, ପ୍ରଫେସର ଡ. ସୁବାଷ ଚନ୍ଦ୍ର ଲେଙ୍କା ଓ ସୁବ୍ରତ ସୂତାର। ମେନ୍ସ କଂଗ୍ରେସ ସଂଘର ଶଶୀରଞ୍ଜନ ମିଶ୍ର, ରତନ ପଣ୍ଡା, ନିରଜ କୁମାର ନେତୃତ୍ୱ ନେଇଥିଲେ। ସେହିଭଳି ମେନ୍ସ ୟୁନିୟନ ସଂଘର ଏମ୍. କେ ସିଂହ, ଏ. ଆର୍. ରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ। ସର୍ବଭାରତୀୟ ରେଳବାଇ ଟ୍ରେଡ ୟୁନିୟନ ନିର୍ବାଚନରେ ୬ଟି ୟୁନିୟନ ବାଜିମାତ କରିବା ପାଇଁ ଆଶା ରଖିଛନ୍ତି।

# ହମିରପୁରରେ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ଶିବିର

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ନୃତ୍ୟ ମହ୍ଲାର ତରଫରୁ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ହମିରପୁରରେ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷା ତଥା ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ବର୍ଷାରାଣୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସ୍କୁଲର ୩ୟରୁ ୮ମ ଶ୍ରେଣୀ ପିଲାମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶାର ସଂସ୍କୃତି, ସଭ୍ୟତାର ପ୍ରଚାର ପ୍ରସାର ସହ ଗ୍ରାମାଞ୍ଚଳରେ ରହୁଥିବା ଦୁର୍ବଳ ବର୍ଗ ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉଜାଗର କରିବା ପାଇଁ ବର୍ଷାରାଣୀ ନିଃଶୁଳ୍କ ନୃତ୍ୟ ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଉରକେଲା ଓ ଆଖପାଖ ଗ୍ରାମାଞ୍ଚଳର ସ୍କୁଲ ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ କରିଆସୁଛନ୍ତି।



ନୃତ୍ୟ ପ୍ରଶିକ୍ଷଣ ନେଇଥିବା ପିଲାମାନେ।

# ପଦ୍ମଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ

**ରାଉରକେଲା,୬।୧୨(ସଙ୍ଗୀତା ଜେନା)** ଦକ୍ଷିଣ ରାଉରକେଲାର ସାମାଜିକ ଅନୁଷ୍ଠାନ ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଓ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବଳିଯୋଡ଼ି ଛକ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅରୁଣ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲୀ ଥାନା ଆଇଆଇସି ସୁକାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି, ବିଶିଷ୍ଟ ଚିକିତ୍ସକ ଡାକ୍ତର ଫକୀର ଚରଣ ହୋତା ସମ୍ମାନିତ ଅତିଥି, ଆଇଡିଏଲ ଶିଳ୍ପ ସମ୍ପର୍କ ବିଭାଗର ମୁଖ୍ୟ ରଞ୍ଜନ ମହାନ୍ତି, ରାଜ୍ୟ କର୍ମଚାରୀ ବୀମାର ପ୍ରାକ୍ତନ ଅଧିକାରୀ ଡାକ୍ତର ବିଷ୍ଣୁପ୍ରିୟା ଦେଇ ବକ୍ତା ଭାବେ ଯୋଗଦେଇ ରାଧାନାଥ ରଥଙ୍କ କର୍ମମୟ ଜୀବନ, ସ୍ୱାଧୀନତା ସଂଗ୍ରାମ, ରାଜନୈତିକ ଚିନ୍ତାଧାରା, ସମାଜସେବା ଏବଂ ନବ ଓଡ଼ିଶା ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ସନାତନ ସାହୁ, ଅନନ୍ତ ଚରଣ ଜେନା, ବିପିନ ରାଉତରାୟ, ସଞ୍ଜୟ ପରିଡା, ଚାନ୍ଦମଣି ନାୟକ, କବି ଗୌରାଙ୍ଗ ଦାଶ, ଝାନୋ ମାଝୀ, ଭଗବାନ ସାହୁ, ଅନ୍ତର୍ଯାମୀ ବେଉରିଆ, ବାମନ ଚରଣ ପ୍ରଧାନ, ସୁନୀତା ପରିଡା, ଦମୟନ୍ତୀ ମିଶ୍ର, ବାସୁଦେବ ସାହୁ, ପରମାନନ୍ଦ ବେହେରା, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥଲେ। ଏହି ଉତ୍ସବରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଏସ୍‌ଏଚ୍‌ଜି ମହିଳା, ସମାଜସେବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ବରିଷ୍ଠ ସଭ୍ୟ ନଟବର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବିଧାନ ପ୍ରଣେତାଙ୍କୁ ଭାଜପାର ଶ୍ରଦ୍ଧାଞ୍ଜଳି

**ରାଉରକେଲା,୬।୧୨(ବିପ୍ଳବ ରଞ୍ଜନ ଦାଶ)**

ସମ୍ବିଧାନ ପ୍ରଣେତା ଡକ୍ଟର ବାବାସାହେବ ଆମ୍ବେଡ଼କରଙ୍କୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଜିଲା ଭାଜପା ପକ୍ଷରୁ ସେକ୍ଟର-୭ ଏବଂ ସେକ୍ଟର-୧୭ ଛକ ନିକଟସ୍ଥ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତଥା ସଂଯୋଜକ ଭ୍ରମରବର ବେହେରା ପ୍ରମୁଖ ଡକ୍ଟର ଆମ୍ବେଡ଼କରଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଆମ୍ବେଡ଼କର ଭାରତୀୟ ସମ୍ବିଧାନ ମାଧ୍ୟମରେ ଲୋକମାନଙ୍କୁ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ ପ୍ରଦାନ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ଆମ୍ବେଡ଼କର ଭାବପ୍ରକାଶ ଓ ବିଶ୍ୱାସ, ଧର୍ମ ଆଚରଣରେ ସ୍ୱାଧୀନତା, ସମସ୍ତଙ୍କ ମଧ୍ୟରେ ଜାତୀୟ ଏକତା ଏବଂ ସଂହତି ସ୍ଥାପନ କରିଥିଲେ। ସେ ଏକାଧାରରେ ଜଣେ ସମାଜ ସଂସ୍କାରକ, ଆଇନଜ୍ଞ ଏବଂ ରାଜନେତା ଥିଲେ। ମାନବ ପ୍ରେମ, ଉଦାର ପୌରୁଷ ପାଇଁ ସେ ଚିର ସ୍ମରଣୀୟ ରହିବେ। ଏଣୁ ତାଙ୍କ ଆଦର୍ଶ ଅନୁସରଣ କରି କାମ କରିବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ବୋଲି ସମସ୍ତେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ମୋର୍ଚ୍ଚା ସଂଯୋଜକ ସୁଶୀଲ ସେଠୀ, ଜିଲା ସମ୍ପାଦକ ଅଜୟ କଂସାରୀ, ବରିଷ୍ଠ ନେତା ଜିତେନ ମହାନ୍ତି, ମନୋରଞ୍ଜନ ମୁନି, ପଶ୍ଚିମ ମଣ୍ଡଳ ସଭାପତି ସନ୍ତୋଷ ବିରାଟ, ମନୋଜ ପଟ୍ଟନାୟକ, ଗୌତମ ଦୁଙ୍ଗୁରୀ, ଗୌତମ ବାଡା ଓ ନର୍ମଦା ବାଗ ପ୍ରମୁଖ ଶତାଧିକ ଭାଜପା ନେତା ଉପସ୍ଥିତ ଥିଲେ।



ଭାଜପା ନେତୃମଣ୍ଡଳୀ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ନାଟକ ଏମିତି ବି ହୁଏ, ଅନ୍ୟ ଆକାଶ ମଞ୍ଚସ୍ଥ

**ରାଉରକେଲା,୬।୧୨(ସଙ୍ଗୀତା ଜେନା)**

ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୪ର ପଞ୍ଚମ ଦିବସରେ ସଂକଳ୍ପ ଅନୁଷ୍ଠାନର ନାଟକ 'ଏମିତି ବି ହୁଏ' ଓ ଆମେ ନାଟୁଆ ଅନୁଷ୍ଠାନର ନାଟକ 'ଅନ୍ୟ ଆକାଶ' ମଞ୍ଚସ୍ଥ ହୋଇଯାଇଛି। ଶୁଭଶ୍ରୀ ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଆର୍‌ଏସ୍‌ପିର ପ୍ରାକ୍ତନ ନିର୍ବାହୀ ନିର୍ଦ୍ଦେଶକ ଇଂ. ଭାରତ ଭୂଷଣ ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷାବିତ୍ ଯତିନ ନାୟକ ମୁଖ୍ୟ ଅତିଥି ଓ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ. ଅଭୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ନଳିନୀ ପ୍ରଭା ପଟ୍ଟନାୟକ, କୃପାସିନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ଦାସ ସଭାପତିତ୍ୱ ଅଭିଭାଷଣ ଓ ସୁରେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ନାଟ୍ୟକାର ପ୍ରଭାକର ପାତ୍ର ଓ ନିର୍ଦ୍ଦେଶକ କୁଞ୍ଜନ ଲାଲ ବୋଷ ତଥା ସହ ନିର୍ଦ୍ଦେଶକ ପ୍ରକାଶ ସାହାଣୀଙ୍କ ନିର୍ଦ୍ଦେଶିତ 'ଏମିତି ବି ହୁଏ' ନାଟକରେ ପେଟ ପୂରିବା ପାଇଁ ସବୁ ନାଟ। ଏଥିପାଇଁ ମଣିଷ ବିଭିନ୍ନ ପନ୍ଥା ଅବଲମ୍ବନ କରେ। କିଏ ସତ ତ କିଏ ଅସତ, କିଏ ଠିକ୍ ପଥ ତ କିଏ ଭୁଲ ପଥ ଆପଣେଇଥାଏ। ପେଟର ନାଟ ପାଇଁ କିଏ କରେ ଚୋରୀ, କିଏ କରେ ଦାଦାଗିରି, ଆଉ ମାରେ ପିଠିରେ ଛୁରି। କିଏ କରେ ଅପରାଧ ଆଉ କିଏ ହୁଏ ଅପରାଧୀ, ବଡ ବିଚିତ୍ର ଏ ନାଟ। ଏହିଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଛି। ଏଥିରେ ପ୍ରବୀର କୁମାର ମିଶ୍ର, ବାସୁଦେବ ଷଡ଼ଙ୍ଗୀ, ପ୍ରିୟରଞ୍ଜନ ରାଉତ, ରମେଶ ଚନ୍ଦ୍ର ସେଠୀ, ସଞ୍ଜୟ କୁମାର ମହାନ୍ତି, ଦିବ୍ୟେନ୍ଦୁ କୁଣ୍ଡୁ, ହେମନ୍ତ ବେହେରା, ଗଣପତି ରଣା, ପ୍ରମିଳା ଜେନା ଭାଗ୍ୟଶ୍ରୀ ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ। ଗୀତ ରଚନାରେ ଯୁବଜାନୀ ବେଜ, ସଙ୍ଗୀତରେ ଗୁଲାବ ଶର୍ମା ଓ ପ୍ରମୋଦ ସାହୁ, କଣ୍ଠ ଓ ସ୍ୱରରେ ଶକ୍ତି ପ୍ରସାଦ ମିଶ୍ର, ମଞ୍ଚ ପରିଚାଳନାରେ ଅମୂଲ୍ୟ ବିଶୋଇ ଓ ପ୍ରବୀର ଜେନା, ମଞ୍ଚ ପରିଚାଳନାରେ ଦୀପ୍ତି ରଞ୍ଜନ ବାରିକ, ବଟକୃଷ୍ଣ ଶତପଥୀ, ରଞ୍ଜିତ ବେହେରା, ଦୀପ୍ତି ରଞ୍ଜନ ପାଣିଗ୍ରାହୀ, ପରିଚାଳକ ଭାବେ ଅକ୍ଷୟ କୁମାର ଧଳ, ବ୍ୟବସ୍ଥାପକ ଭାବେ ଡ. କିଶୋରୀ ଦାଶ ଓ ସରୋଜ ଚନ୍ଦ୍ର କବି ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ନାଟ୍ୟକାର ଡ. ରତ୍ନାକର ଚଇନି ଓ ଗଙ୍ଗାଧର ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ଅନ୍ୟ ଆକାଶ' ମଞ୍ଚସ୍ଥ ହୋଇଥିଲା। ସଂସାରରେ ମଣିଷ ପରିସ୍ଥିତିର ଦାସ। ସେ ତାକୁ ନେଇ କେଉଁଠି କେତେବେଳେ ପହଞ୍ଚାଇ ଦେବ ମଣିଷ ତାହା ଜାଣି ନ ଥାଏ। ସ୍ନେହ, ପ୍ରେମ, ଭଲପାଇବାକୁ ନେଇ ମଣିଷ ସଂସାର ବାନ୍ଧେ। ଭାବନାରେ ଅନେକ ସ୍ୱପ୍ନ ଦେଖେ। ସବୁ ସ୍ୱପ୍ନ କଣ ସତ ହୁଏ। ଭଗ୍ନ ମନକୁ ବୁଝାଇ ପୁଣି ଥରେ ସାହାରା ଦେଇଥିବା ମଣିଷକୁ ନେଇ ସଂସାର କରିବାର ସ୍ୱପ୍ନ ଦେଖେ। କ'ଣ ହୁଏ, ଏଭଳି କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ 'ଅନ୍ୟ ଆକାଶ'। ଏହି ନାଟକରେ ପ୍ରତ୍ୟୁଷ କୁମାର ପାଢୀ, ଅଭିଳାଷ ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଓ ଗଙ୍ଗାଧର ଜେନା ଅଭିନୟ କରିଥିଲେ। ସଙ୍ଗୀତରେ ପ୍ରବୀର ଜେନା ଓ ମଞ୍ଚ ପରିଚାଳନାରେ ଯୁବଜାନି ବେଜ ସହଯୋଗ କରିଥିଲେ।






ନାଟକର ପଞ୍ଚମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ। ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

### ଇସ୍ପାତ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ଆଇଆଇଏମ୍ ସମ୍ବଲପୁରରେ ହେବ ଏନ୍ଏଚ୍ଆରଡିଏନ୍ର ଶାଖା

ସମ୍ବଲପୁର,୬।୧୨(ଭବାନୀ ଶଙ୍କର ଭୋଇ)

ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଶୁକ୍ରବାର ଆଇଆଇଏମ ସମ୍ବଲପୁର କ୍ୟାମ୍ପସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜାତୀୟ ମାନବ ସମ୍ବଳ ବିକାଶ ନେଟୱର୍କ (ଏନଏଚଆରଡିଏନ୍) ଏକ ଶାଖା ପ୍ରତିଷ୍ଠା କରିବାକୁ ଘୋଷଣା କରିଛି। ଆଇଆଇଏମ ସମ୍ବଲପୁର ପ୍ରଥମ ଆଇଆଇଏମ ଭାବେ ଏନ୍ଏଚଆରଡିଏନ୍ର ଏକ ଶାଖା ସ୍ଥାପନ କରିବ । ଭାରତର ମାନବ ସମ୍ବଳ ବିକାଶ ଏବଂ ଚିନ୍ତାଶୀଳ ନେତୃତ୍ୱର ବିକାଶ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଏଥିରେ ପେସାଦାର ବ୍ୟକ୍ତି, ଶିକ୍ଷାବିଦ ଏବଂ ଛାତ୍ରୀଛାତ୍ରଙ୍କ ସମେତ ୨୦ହଜାର ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ପ୍ଲାଟଫର୍ମ ପ୍ରଦାନ କରାଯିବ। ଏହାଦ୍ୱାରା ଦେଶରେ ମାନବ ସମ୍ବଳ ଅଭ୍ୟାସର ଠିକ ଉପଯୋଗ ହୋଇପାରିବ। ସୂଚନାଯୋଗ୍ୟ ଯେ, ଜାତୀୟ ମାନବ ସମ୍ବଳ ନେଟୱାର୍କ ମାନବ ସମ୍ବଳ କ୍ଷେତ୍ରରେ ଅନ୍ୟତମ ପ୍ରମୁଖ ବୃତ୍ତିଗତ ସଂଗଠନ । ଏହାର ସିଙ୍ଗାପୁର, ମଧ୍ୟପ୍ରାଚ୍ୟ, ନେପାଳରେ ୩ଟି ଅନ୍ତର୍ଜାତୀୟ ଶାଖା ଏବଂ ୯ଟି ଛାତ୍ର ଶାଖା ସମେତ ଏନଏଚଆରଡିଏନର ଏହା ୫୨ତମ ଶାଖା ହେବ । ଆଇଆଇଏମ ସମ୍ବଲପୁର ଏକ ପ୍ରମୁଖ ପରିଚାଳନା ଅନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଗବେଷଣା ଭିତ୍ତିକ ଆଭିମୁଖ୍ୟ ସହିତ ମାନବ ସମ୍ବଳର ଦକ୍ଷତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଏହି ଅବସରରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ କହିଛନ୍ତି ଯେ, 'ଭବିଷ୍ୟତର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଯୋଗଦାନ କରିବା ପାଇଁ ଆମର ମୂଳ ଲକ୍ଷ୍ୟ । ଆମର ଲକ୍ଷ୍ୟ ହେଉଛି ଶିଳ୍ପ ବିଶେଷଜ୍ଞ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ସହଯୋଗ ଏବଂ ଉଦ୍ଭାବନ ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରାଯିବ। ଏହା ସହିତ ଦକ୍ଷତା ବୃଦ୍ଧି ଏବଂ ବୃତିଗତ ସମ୍ପର୍କକୁ ବିସ୍ତାର କରିବା ପାଇଁ କର୍ମଶାଳା, ସେମିନାର ଏବଂ ନେଟୱାର୍କିଂ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ ଯେ ୩୬ ବର୍ଷ ଆଗରୁ ସ୍ଥାପିତ ହୋଇଥିବା ଏନଏଚଆରଡିଏନ ସ୍ୱୟଂଶାସିତ, ଅଣଲାଭକାରୀ ବୃତିଗତ ସଂସ୍ଥା ଭାବେ ପରିଚାଳିତ ହେଉଥିବା ଏକ ସଙ୍ଗଠନ। ଜେକ ଅର୍ଗାନାଇଜେସନର ଗ୍ରୁପ ଏଚଆର୍ ସଭାପତି ପ୍ରେମ ସିଂହ, ଏନଏଚଆରଡିଏନ ହୋଷ୍ଟ ଏବଂ ଲେଖକ ତଥା ବୁଦ୍ଧିଜୀବୀ ଅରୁଣ ମାଇରା ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହିରୋ ମୋଟାକର୍ପ ଲିମିଟେଡର ଏଚଆର ମୁଖ୍ୟ ଧର୍ମ ରକ୍ଷିତ ସିଇଓ ତଥା ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅକିଲ ବୁସରାଇ ଜିଏମଆର୍ ଗ୍ରୁପର ଗ୍ରୁପ ହେଡ ସିଓଇ-ଟ୍ୟାଲଣ୍ଟ ଆକ୍ୱିଜିସନ ହରପ୍ରୀତ ଦତ୍ତ, ଇଫେକାର ନିର୍ଦ୍ଦେଶକ -ଏଚଆର ଆରପି ସିଂହ, ଡିସିଏମ ଶ୍ରୀରାମର ଗ୍ରୁପ ସିଏଚଓ ସନ୍ଦୀପ ଜିରାତ୍ରା, ମ୍ୟାକ୍ସ ଗ୍ରୁପର ସିଏଚଓ ସିମର ଦୀପ କୌର, ଡିଏସ ଗ୍ରୁପର ଏଚଆର ମୁଖ୍ୟ ସିମିନ ଅସ୍କରି ଓ ଇଣ୍ଡିଗୋର ଗ୍ରୁପ ସିଏଚଆରଓ ସୁଖଜିତ ପାସ୍ରିଚା ଉପସ୍ଥିତ ଥିଲେ। ଆଇଆଇଏମ ସମ୍ବଲପୁର ଏବଂ ଏନଏଚଆରଡିଏନ ମିଳିତ ଭାବେ ମାନବ ସମ୍ବଳ ବିକାଶରେ ସୃଜନଶୀଳତା ଏବଂ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ସହ ଶିଳ୍ପ ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିବ। ଆଇଆଇଏମ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସର ଏମବିଏ, ୱାର୍କିଂ ପ୍ରଫେସନାଲର ଅଧ୍ୟକ୍ଷ ପ୍ରଫେସର ପୁନମ କୁମାର ଓ ଆଇଆଇଏମ ସମ୍ବଲପୁରର ମୁଖ୍ୟ କର୍ପୋରେଟ ରିଲେସନ୍ସ ସଞ୍ଜୟ ଶର୍ମାଙ୍କ ସମେତ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।


ନୂଆଦିଲ୍ଲୀର ଆଇଆଇଏମ କ୍ୟାମ୍ପସରେ ମାନବ ସମ୍ବଳ ବିକାଶ ନେଟୱର୍କ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ଓଡ଼ିଶା ଖାଦ୍ୟ କମିଶନଙ୍କ ସମ୍ବଲପୁର ଗସ୍ତ


ଓଡ଼ିଶା ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ଝୁଝୁମୁରା ବ୍ଲକରେ ସମୀକ୍ଷା।

ସମ୍ବଲପୁର,୬।୧୨(ପ୍ରମୋଦ ବହିଦାର)

**ଝୁଝୁମୁରା ବ୍ଲକର ବିଭିନ୍ନ ସ୍ଥାନରେ କଲେ ଖାଦ୍ୟ ଓ ଆର୍ଥିକ ସୁରକ୍ଷାର ସମୀକ୍ଷା**

ଓଡିଶା ସରକାରଙ୍କ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନିକାନ୍ତ ସାହୁ ଝୁଝୁମୁରା ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଗ୍ରାମାଞ୍ଚଳରେ ଖାଦ୍ୟ ଓ ଆର୍ଥିକ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ପ୍ରଥମେ ଉକ୍ତ ବ୍ଲକ ଅନ୍ତର୍ଗତ ଜୟନ୍ତପୁର ଆଶ୍ରମ ବିଦ୍ୟାଳୟ, ଭବାନୀପାଲି ଅଙ୍ଗନବାଡ଼ି କେନ୍ଦ୍ର, ମହୁଲପାଲିର କେଜିଏମଏନ ଉଚ୍ଚ ବିଦ୍ୟାଳୟ ଆଦିରେ ଖାଦ୍ୟ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେହିପରି ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର ଶିକ୍ଷା ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଉଥିବା ପୋଷଣ ଯୁକ୍ତ ଖାଦ୍ୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ପାନୀୟ ଜଳ, ଶୌଚାଳୟ ଆଦି ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକମାନଙ୍କୁ ପଚାରି ବୁଝିଥିଲେ। ଏହା ସହିତ ବିରସିଙ୍ଗଡ଼ ଓ କଂସର ଗ୍ରାମ ପଞ୍ଚାୟତର ଜନବିତରଣ ପ୍ରଣାଳୀ(ପିଡିଏସ) ଆବଣ୍ଟନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ତଥ୍ୟଯାଞ୍ଚ ପୂର୍ବକ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ଠିକ୍ ଭବେ ପିଡିଏସ୍ ସାମଗ୍ରୀ ମିଳୁଛି କି ନାହିଁ ପଚାରି ବୁଝିଥିଲେ । ସେହିପରି ଅଞ୍ଚଳର ବିକାଶ ପ୍ରସଙ୍ଗରେ ମଧ୍ୟ ସେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ।

# ସମ୍ବଲପୁର ରେଳ ମଣ୍ଡଳରେ ମହାପରିନିର୍ବାଣ ଦିବସ ପାଳିତ

ସମ୍ବଲପୁର,୬।୧୨(ପ୍ରମୋଦ ବହିଦାର)

ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳରେ ଭାରତୀୟ ସମ୍ବିଧାନ ନିର୍ମାତା ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ପ୍ରବନ୍ଧକ ପାଣ୍ଡେ ବାବା ସାହେବଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ୟୁସୁଫ୍ କବୀର ଅଂସାରୀ ପରିଚାଳନା କରିଥିଲେ।

# ସମ୍ବଲପୁରୀ ଡେରାରେ ହେବ ଜାତୀୟ ସମ୍ବଲପୁରୀ ସମ୍ମିଳନୀ

ସମ୍ବଲପୁର,୬।୧୨(ଭବାନୀ ଶଙ୍କର ଭୋଇ)

ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆସନ୍ତା ୮ ତାରିଖଠାରୁ ପାଞ୍ଚଦିନ ଧରି ଚତୁର୍ଥ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଆୟୋଜନ କରାଯିବ। ଲକ୍ଷ୍ମୀଟକିଜ ଛକ ନିକଟରେ ଥିବା ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ଆୟୋଜନ ନେଇ ବିଶେଷ ସୁଚନା ପ୍ରଦାନ କରାଯାଇଥିଲା। ସମ୍ବଲପୁର ଜେଲ ଛକ ପାଖରେ ଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଡିସେମ୍ବର ୮ ରୁ ୧୨ ତାରିଖ ଯାଏଁ ଏହି ସମ୍ବଲପୁରୀ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଆହୁରି ଋଦ୍ଧିବନ୍ତ ଓ ଶାଣିତ କରିବା ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଏକ ଅଭୁତପୂର୍ବ ମିଳନ ସ୍ଥଳୀ ହେବ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ବୋଲି ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଖବରଦାତା ସମ୍ମିଳନୀରେ କହିଛନ୍ତି। ୮ ତାରିଖ ସକାଳେ ସମଲେଇଙ୍କ ଆଜ୍ଞାମାଳ ଅଣାଯିବା ପରେ ଦିନ ୧୦ ଟାରେ ସମ୍ମିଳନୀ ଉଦଘାଟନ କରାଯିବ। ପ୍ରଥମ ଦିନ ସମ୍ବଲପୁରୀ ଦିନ ଆୟୋଜନ କରୁଥିବା ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଗୁରୁଙ୍କ ପ୍ରତିମୂର୍ତ୍ତୀ ନିର୍ମାଣରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବା ନେଇ ମଞ୍ଚର ଉପଦେଷ୍ଟା ଡ ପ୍ରମୋଦ ରଥ ସୂଚନା ଦେଇଥିଲେ। ଏହାସହ ପ୍ରତି ଦିନ ଅପରାହ୍ନରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ବଲପୁରୀ ସମ୍ବନ୍ଧିତ ପ୍ରତିଯୋଗିତା ଗୁଡିକ ଆୟୋଜନ କରାଯିବ। ଜାତୀୟ ସମ୍ବଲପୁରୀ ସମ୍ମିଳନୀ ସମ୍ବଲପୁରୀ କପଡା ବଜାର, ଖାଦ୍ୟପେୟ ବଜାର ସହ ପ୍ରଦର୍ଶନୀର ଆୟୋଜନ କରାଯିବ। ଏହାସହ ସମ୍ବଲପୁରୀ ଭାଷା ସଂସ୍କୃତି ବିଷୟରେ ବିଭିନ୍ନ ଆଲୋଚନାଚକ୍ର ଖାଦ୍ୟପେୟ ଏବଂ ବସ୍ତ୍ର ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହାସହ ପ୍ରତିଦିନ ସନ୍ଧ୍ୟାରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ମଞ୍ଚର ସାଂସ୍କୃତିକ ସଂଯୋଜକ ଦାଶରଥ ମେହେର ସୂଚନା ଦେଇଥିଲେ। ପ୍ରଥମ ଦୁଇଦିନ ସମ୍ବଲପୁରୀ ଗୀତ ନୃତ୍ୟର କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ୧୦ ତାରିଖ ସନ୍ଧ୍ୟାରେ ସମ୍ବଲପୁରୀ ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୧ ତାରିଖ ସନ୍ଧ୍ୟାରେ ସମ୍ବଲପୁରୀ ନାଟ୍ୟ ପୁରୋଧା ଗୁରୁ ଭଗବାନ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ବୀର ସୁରେନ୍ଦ୍ର ସାଏ ନାଟକ ଏବଂ ୧୨ ତାରିଖ ସନ୍ଧ୍ୟାରେ ଟଣ୍ଡେଇ ନାଟକ ପ୍ରଦର୍ଶିତ ହେବ ବୋଲି ସାଂସ୍କୃତିକ ସଂଯୋଜକ ସୂଚନା ଦେଇଥିଲେ। ଏହାସହ ଛୋଟ ଛୁଆଙ୍କ ମନୋରଞ୍ଜନ ପାଇଁ ମୀନାବଜାର ଆଦିର ମଧ୍ୟ ଆୟୋଜନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୁଚନା ଦିଆଯାଇଥିଲା। ମଞ୍ଚର ସମ୍ବଲପୁର ଶାଖା ସଂଯୋଜକ କିଶୋର ଧରେଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


ଖବରଦାତା ସମ୍ମିଳନୀରେ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ପ୍ରଚାର ପତ୍ର ପ୍ରଦର୍ଶନ କରାଯାଉଛି ।

- **ଡିସେମ୍ବର ୮ରୁ ୧୨ ପର୍ଯ୍ୟନ୍ତ ହେବ ଏହି ସମ୍ମିଳନୀ**
- **କୁମ୍ଭାରୀର ବୀର ସୁରେନ୍ଦ୍ର ସାଏ ଏବଂ ଟଣ୍ଡେଇ ନାଟକ ମୁଖ୍ୟ ଆକର୍ଷଣ**

# ବିନ୍ଧାସ କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍ଘାଟିତ

ନାକଟିଦେଉଳ,୬।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଖେଳ ପଡିଆ ଠାରେ ଶୁକ୍ରବାର ନାକଟିଦେଉଳ ବିନ୍ଧାସ କ୍ରିକେଟ ଟିମ୍ ଆନୁକୂଲ୍ୟରେ ବିନ୍ଧାସ କପ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ନାକଟିଦେଉଳ ଗ୍ରାପର ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଫିତାକାଟି ଉଦ୍ଘାଟନ କରିଥିଲେ। ଆସନ୍ତା ୧୩ ତାରିଖରେ ଏହି ଟୁର୍ନାମେଣ୍ଟ ଉଦ୍ଯାପିତ ହେବାକୁ ଥିବାବେଳେ ଏଥିରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଉଦଘାଟନୀ ମ୍ୟାଚ ଜଗନ୍ନାଥ ପ୍ରସାଦ ଏବଂ ଉପରମୁଣ୍ଡା ମଧ୍ୟରେ ଆୟୋଜିତ ହୋଇଥିଲା। ଟସ ଜିଣି ଉପରମୁଣ୍ଡା ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଜଗନ୍ନାଥ ପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୩ ଓଭରରେ ସମୁଦାୟ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଉପରମୁଣ୍ଡା ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୮୪ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ମ୍ୟାଚ ପରିଚାଳନା କରିଥିଲେ ସୁମନ୍ତ ଧଳ ଏବଂ ପୁରୁଷୋତ୍ତମ ସାହୁ।

# ଦେବକୀ ବସୁଦେବ ବିବାହରୁ ଆରମ୍ଭ ହେଲା ପଡ଼ିଆବାହାଲ ଧନୁଯାତ୍ରା



ପଡ଼ିଆବାହାଲ,୬।୧୨(ରାଧାମୋହନ ଷଡ଼ଙ୍ଗୀ)

ଦେବକୀ ବସୁଦେବଙ୍କ ବିବାହରୁ ଶୁକ୍ରବାର ପଡିଆବାହଲଠାରେ ଧନୁଯାତ୍ରା ଆରମ୍ଭ ହୋଇଛି। ଏଗାର ତାରିଖ ଯାଏଁ ଚାଲିବ । ସକାଳେ କଳସ ଯାତ୍ରା ହେବା ସହ ସନ୍ଧ୍ୟାରେ ପଣ୍ଡିତ ମହେଶ୍ୱର ନାୟକଙ୍କ ଦ୍ୱାରା ବିଧି ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ମଥୁରାନଗରୀରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଦୁର୍ଗାପୂଜା କମିଟିର ଉପଦେଷ୍ଟା ସୁବୋଧ କୁମାର ବେହେରାଙ୍କ ଦ୍ୱାରା କମିଟି ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ପଣ୍ଡା, ଧନୁଯାତ୍ରା ଓ ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ଫିତା କାଟି ଉଦଘାଟନ କରିଥିଲେ। ମଥୁରା ନଗରୀରେ ଦିଲ୍ଲୀପ ସାହୁଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ବେଳେ ସଂଯୋଜକ ଡା. ରାଜାରାମ ଷଡ଼ଙ୍ଗୀଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ କମିଟି ସଭାପତି ପ୍ରମୋଦ ମଗର, ଦୁର୍ଗେସ ସାହୁ, ଶକ୍ତିପ୍ରସନ୍ନ ବଡ଼ପଣ୍ଡା, ମୁନ୍ନା ମହାନନ୍ଦ ଉପସ୍ଥିତ ଥିଲେ। ଧନୁଯାତ୍ରାରେ ମିନାବଜାର ସାଙ୍ଗକୁ ବିଭିନ୍ନ ନୃତ୍ୟ ସଙ୍ଗୀତ ବିଶେଷ ଆକର୍ଷଣ ଥିଲା।

# ମହାପରିନିର୍ବାଣ ଦିବସ ପାଳିତ

ସମ୍ବଲପୁର,୬।୧୨(ବି.ଶଙ୍କର)

ସମ୍ବିଧାନ ପ୍ରଣେତା ବିଆର ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ଶୁକ୍ରବାର ସମ୍ବଲପୁର ସହର ସ୍ଥିତ ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବଲାଙ୍ଗୀର ଯୋଜନା ବୋର୍ଡର ସହାୟକ ନିର୍ଦ୍ଦେଶକ ସଞ୍ଜୟ କୁମାର ଦୀପ ମୁଖ୍ୟ ଅତିଥି, ଆଦିବାସୀ ସମାଜ ସଂଗଠିକା ସଞ୍ଜୁଲତା ନାଏକ ମୁଖ୍ୟବକ୍ତା ଓ ସଙ୍ଗୀତକାର ବ୍ୟାସଦେବ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ସମ୍ବିଧାନ ପ୍ରଣେତା ବିଆର ଆମ୍ବେଦକରଙ୍କ ଜୀବନୀ ତଥା ଆଦର୍ଶ ଉପରେ ଆଲୋଚନା କରି ମହାପରିନିର୍ବାଣ ଦିବସରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ନିର୍ମାଣ ଶ୍ରମିକ ସଂଘର ସାଙ୍ଗଠନିକ ବୈଠକ

କୁଚିଣ୍ଡା,୬।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନଠାରେ ଶୁକ୍ରବାର ପଶ୍ଚିମ ଓଡିଶା ନିର୍ମାଣ ଶ୍ରମିକ ସଂଘର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡିଶା ନିର୍ମାଣ ଶ୍ରମିକ ସଂଘ ସଭାପତି ଗଜେନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ମହାସଚିବ ତଥା ଶ୍ରମିକନେତା ଇନ୍ଦ୍ରଜିତ ତାଣ୍ଡି ଯୋଗ ଦେଇ କୁଚିଣ୍ଡା, ବାମରା, ଜମନକିରା ଓ କୁଚିଣ୍ଡା ଏନଏସି ସହ ସମ୍ବଲପୁର ଜିଲାରେ କିପରି ସମସ୍ତ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇପାରିବେ ଆଲୋଚନା କରିଥିଲେ। ଅପରପକ୍ଷେ ପଞ୍ଜିକୃତ ଶ୍ରମିକଙ୍କ ହକ୍ ହାସଲ ପାଇଁ ସଂଘ ଲଢେଇ ଜାରି ରଖିବାକୁ ପ୍ରକାଶ କରିଥିଲେ। ବୈଠକରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଅଞ୍ଚଳରୁ ଶତାଧିକ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ। ଟିକେଶ୍ୱର କିଷାନ ବୈଠକ ପରିଚାଳନା କରିଥିବା ବେଳେ ଉପସଭାପତି କ୍ଷିରୋଦ କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନରେନ୍ଦ୍ର ଛତ୍ରିଆ, ଶ୍ୟାମସୁନ୍ଦର ଧାନ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଛତୁଚାଷ ତାଲିମ ଶିବିର

ସମ୍ବଲପୁର,୬।୧୨(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ସମ୍ବଲପୁର ଜିଲା ବୋମାଲୋଇ ପଞ୍ଚାୟତ ଅନ୍ତର୍ଗତ ତିଳେଇମାଲ ଗ୍ରାମରେ ଏକ ଛତୁଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିପିଲିମା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମୋନାଲିଶା ପ୍ରଧାନ ଯୋଗଦେଇଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ପରିପେକ୍ଷୀରେ ଛତୁଚାଷର ଚାହିଦା ରହିଛି । ଏହା ଏକ ଲାଭଜନକ ବ୍ୟବସାୟ ଓ ସ୍ୱଳ୍ପପାଣି ବିନିଯୋଗ ଦ୍ୱାରା ସ୍ୱାବଲମ୍ବୀ ହେବାରେ ଏକ ଭରଷାଯୋଗ୍ୟ ପ୍ରୟାସ ବୋଲି ଆଲୋକପାତ କରିଥିଲେ । ଛତୁଚାଷ ପାଇଁ ଆବଶ୍ୟକୀୟ ଉପକରଣ, ଋତୁ ଚୟନ, ଆବଶ୍ୟକୀୟ ଉପକରଣ ତାପମାତ୍ରା, ମଞ୍ଜି ଚୟନ, ପରିଷ୍କାର ଓ ପରିଚ୍ଛନ୍ନତା ତଥା ଏହାର ବ୍ୟବସାୟୀ କରଣ ସମ୍ପର୍କୀୟ ବିଷଦ ଆଲୋଚନା କରିଥିଲେ। ସେହିପରି ପ୍ରାକ୍ଟିକାଲ ମାଧ୍ୟମରେ ବିସ୍ତୃତ ଆଲୋକପାତ କରିଥିଲେ। ଅଞ୍ଚଳର ମହିଳା ଓ ଯୁବତୀମାନେ ସରକାରୀ ସୁବିଧା ସହ ଛତୁ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ । ତାଲିମ ଶିବିର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳା ଓ ଯୁବତୀମାନେ ସ୍ୱାବଲମ୍ବୀ ପଥରେ ଅଗ୍ରସର ହେବାପାଇଁ ପାରିପାର୍ଶ୍ୱିକ ଉନ୍ନୟନ ବିହାଗୀୟ ମୁଖ୍ୟ ମନୋରଞ୍ଜନ ବେହେରା ଆହ୍ୱାନ ଦେଇଥିଲେ । ଅତିଥି ଓ ବକ୍ତାମାନେ ଛତୁଚାଷର ଉପାଦେୟତା, ପୋଷଣତତ୍ୱ ଓ ବ୍ୟବସାୟୀ କରଣ ସମ୍ପର୍କୀୟ ବିସ୍ତୃତ ଆଲୋନା କରିଥିଲେ । ସୁଶ୍ରୀ ପୁନମ ଓରାମ, ଏମ. ଦେବୀପ୍ରିୟା, ଓ.ଏଲ.ଏମର ସହାୟିକାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ତିଳେଇମାଲ ଗ୍ରାମରେ ଛତୁଚାଷ ତାଲିମ ଶିବିରରେ ମହିଳାମାନେ।

# ବିର୍ସା ମୁଣ୍ଡା କପ୍ ଫୁଟ୍ବଲ ଟୁର୍ନାମେଣ୍ଟ ଉଦ୍ଘାଟିତ


ଭୁତାପଡ଼ା ମୁଣ୍ଡା ସ୍ପୋର୍ଟିଂ କ୍ଲବ ଆୟୋଜିତ ବୀର ବିର୍ସା ମୁଣ୍ଡା ଫୁଟ୍ବଲ ଟୁର୍ନାମେଣ୍ଟରେ ଖେଳାଳିମାନଙ୍କ ସହ ଅତିଥିମାନେ ।

ସମ୍ବଲପୁର,୬।୧୨(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଭୁତାପଡା ମୁଣ୍ଡା ସ୍ପୋର୍ଟିଂ କ୍ଲବ ପକ୍ଷରୁ ବୀର ବିର୍ସା ମୁଣ୍ଡା ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ହାୱା ମଇଦାନଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ । ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପାଧ୍ୟକ୍ଷା ରାକ୍ଷୀ ମୁଣ୍ଡାଙ୍କ ପରିଚାଳନାରେ ଉଦ୍ଘାଟନୀ ଉତ୍ସବ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ବିଜେଡିର ପୂର୍ବତନ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଜେଡି ନେତା ଦେବେନ ପତି, ସାମାଜିକ କର୍ମୀ ହରଦିପ ସିଂ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ, ସାମାଜିକ କର୍ମୀ ଗିରିଧାରୀ ମୁଣ୍ଡା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭୁତାପଡାର ମୁଣ୍ଡା ସ୍ପୋର୍ଟିଂ କ୍ଲବ ସଭାପତି ପ୍ରଶାନ୍ତ ମୁଣ୍ଡାଙ୍କ ସମେତ ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍ଘାଟନୀ ମ୍ୟାଚରେ କୁଲେଇଟୋଲା ଭାରତ କ୍ଲବକୁ ୨-୧ଗୋଲରେ ପରାସ୍ତ କରି ଗେଙ୍ଗୁଟିପାଲି ଦଳ ବିଜୟୀ ହୋଇଥିଲା ।

